ଧରିତ୍ରୀ
DHARITRI

April 9-15, 2023 ₹ 2/-

ଛୁଟିଦିନ



# ନିଆରା ଗାଁର କଥା



ପ୍ରଚ୍ଛଦ ପ୍ରସଙ୍ଗ

୩

ପ୍ରତି ଗାଁର ଥାଏ ନିଜସ୍ୱ ବିଶେଷତ୍ୱ, ଯାହା ତାକୁ ସ୍ୱତନ୍ତ୍ର କରେ। ଯେମିତି କି ଏଇ ଦୁଇ ଗାଁ, ଯାହା ତା'ର ନିଆରାପଣ ପାଇଁ ସାରା ପୃଥିବୀରେ ଚର୍ଚ୍ଚିତ...

୪

ବିଶେଷ ପ୍ରସଙ୍ଗ

## ଦଣ୍ଡପର୍ବ



# ସୁଖସମୃଦ୍ଧି ଆଣିବ ଫୁଲ

**ଫୁଲ କେବଳ ଗଛର ସୌନ୍ଦର୍ଯ୍ୟ ବଢାଏ ତାହା ନୁହେଁ, ବାସ୍ତୁଦୋଷ ଦୂର କରି ଘରକୁ ସୁଖସମୃଦ୍ଧି ଆଣିବାରେ ବି ଅନେକ ସାହାଯ୍ୟ କରିଥାଏ। ତେବେ କେଉଁ ଫୁଲ କି ଶୁଭଫଳ ଦେଇଥାଏ ଜାଣନ୍ତୁ ସେ ସମ୍ପର୍କରେ...**

* ବାସ୍ତୁଶାସ୍ତ୍ର ଅନୁସାରେ, ଘର ଅଗଣାରେ ମନ୍ଦାର ଗଛ ରହିବା ଅତ୍ୟନ୍ତ ଶୁଭ। ମନ୍ଦାର ଫୁଲ ଘରକୁ ସକାରାତ୍ମକ ଉର୍ଜା ଆଣିଥାଏ।

* ପଦ୍ମ ଫୁଲର ସମ୍ବନ୍ଧ ମାତା ଲକ୍ଷ୍ମୀ ଓ ବ୍ରହ୍ମ ଦେବଙ୍କ ସହ ରହୁଥିବାରୁ; ଏହାକୁ ଆଧ୍ୟାତ୍ମିକତାର ପ୍ରତୀକ ବୋଲି କୁହାଯାଇଥାଏ। ଘର ଅଗଣାରେ ହେଉ ଅବା ବାଡିପଟେ ପାଣିକୁଣ୍ଡ କରି ସେଥିରେ ଏହି ଫୁଲ ଲଗାଇଲେ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି।

* ଘରେ ଗେଣ୍ଡୁ ଗଛ ଲଗାଇବା ଦ୍ୱାରା ମଧ୍ୟ ସୁଖସମୃଦ୍ଧି ବଢିଥାଏ ବୋଲି



ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

* ପ୍ରେମର ପ୍ରତୀକ ଭାବେ ଗ୍ରହଣ କରାଯାଉଥିବା ଗୋଲାପ ଫୁଲକୁ ବି ଭାଗ୍ୟଶାଳୀ ଫୁଲ ବୋଲି ଅନେକେ କହିଥାନ୍ତି। କାରଣ ଏହାକୁ ଘରେ ଲଗାଇଲେ ସକାରାତ୍ମକ ଉର୍ଜା ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି।

* ସୌଭାଗ୍ୟର ପ୍ରତୀକ କୁହାଯାଉଥିବା ଚମ୍ପା ଫୁଲର ଗଛକୁ ବି ଘର ଅଗଣାରେ ଲଗାଇବା ଶୁଭ ହୋଇଥାଏ।

* ପୂଜାରେ ବ୍ୟବହାର କରାଯାଉଥିବା ଗଙ୍ଗଶିଉଳି ଫୁଲ ବି ଘରକୁ ସମୃଦ୍ଧି ଆଣେ। ଏହି ଫୁଲଗଛକୁ ମଧ୍ୟ ଅଗଣାରେ ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ।

* ଟଗର ଗଛ ବି ଘରେ ସୁଖଶାନ୍ତି ବୃଦ୍ଧି କରିଥାଏ। ଯାହାଙ୍କ ଅଗଣାରେ ଏହି ଗଛ ରହିଥାଏ ସେଠାରେ ପ୍ରଭୁଙ୍କର ବାସ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୯-୧୫

**ମେଷ:** ମାନସିକ ପ୍ରଫୁଲ୍ଲତା, କାର୍ଯ୍ୟସିଦ୍ଧିରୁ ଆନନ୍ଦ,ବନ୍ଧୁଙ୍କ ସାହାଯ୍ୟ ପାଇବେ, ପାରିବାରିକ ସହଯୋଗ ମିଳିବ, ଦ୍ରବ୍ୟଲାଭରୁ ଆତ୍ମତୃପ୍ତି, ସହକର୍ମୀମାନଙ୍କ ସହଯୋଗ, ଧର୍ମକାର୍ଯ୍ୟରେ ନିଷ୍ଠା,କଳାସାହିତ୍ୟରୁ ପ୍ରଶଂସା ॥

**ବୃଷ:** ସମସ୍ୟା ସମାଧାନ ହେବ, ଦ୍ରବ୍ୟହାନୀରୁ ମନସ୍ତାପ, ମନୋବଳ ବୃଦ୍ଧିପାଇବ ନିର୍ମାଣକାର୍ଯ୍ୟରେ ବିବାଦ, ପ୍ରତିବନ୍ଧକ ଦୂରହେବ, ପରିସ୍ଥିତି ବଦଳିବ, ଦୂରଯାତ୍ରାର ଯୋଜନା କରିବେ, ସନ୍ତାନଙ୍କ କୃତିତ୍ୱରୁ ଆନନ୍ଦ ॥

**ମିଥୁନ:** ଶାରୀରିକ ସୁସ୍ଥତା, ପାରିବାରିକ ଶାନ୍ତି,କର୍ମକ୍ଷେତ୍ରରେ ପ୍ରଶଂସା,ବିଶୃଙ୍ଖଳା ଦୂରହେବ, ଭ୍ରମଣ ସୁଯୋଗ ପାଇବେ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ସତ୍‌ସଙ୍ଗକୁ ଯାଇପାରନ୍ତି, ବନ୍ଧୁଙ୍କ ଆଚରଣରେ ସନ୍ଦେହ, ଋଣ ପରିଶୋଧ କରିବେ ॥

**କର୍କଟ:** ମାନସିକ ଶାନ୍ତି ହରାଇବେ, ସ୍ୱାସ୍ଥ୍ୟରେ ଅବନତି ଘଟିପାରେ, ଅର୍ଥସଙ୍କଟର ସମାଧାନ, ଆନୁଷ୍ଠାନିକ ସମ୍ମାନିତ ହେବେ, ବିବାଦରେ ବିଜୟ,ଫଳପ୍ରଦ ଆଲୋଚନା, ସ୍ତ୍ରୀଙ୍କ ପ୍ରେରଣା ଲାଭ ॥

**ସିଂହ:** ନିଷ୍ପତି ବଦଳାଇବେ, ଦୈହିକ ଦୁର୍ବଳତା, ମନୋରଞ୍ଜନରେ ଆଗ୍ରହ, ବ୍ୟବସାୟରେ ଉନ୍ନତି, ନୂତନ ନିଯୁକ୍ତିର ସୁଯୋଗ, ଜମାରାଶି ପାଇବେ, ଶୁଭଖବର ମିଳିବ, ଦୁଶ୍ଚିନ୍ତା କମିବ ॥

**କନ୍ୟା:** ସଭାସମିତିକୁ ଆହ୍ୱାନ, କାରବାରରେ ଉନ୍ନତି,ମାଙ୍ଗଳିକ କାମର ପ୍ରସ୍ତୁତି, ଆର୍ଥିକ ସମସ୍ୟା ଦୂରେଇବ, କାର୍ଯ୍ୟରେ ସଫଳତା ପାଇବେ, କ୍ରନିକ୍ ରୋଗରେ ପୀଡା ବୃଦ୍ଧି, ଦୁଃସାହାସିକ ପଦକ୍ଷେପରୁ କାର୍ଯ୍ୟସିଦ୍ଧି, ପଦମର୍ଯ୍ୟାଦା ବୃଦ୍ଧି ଅଶୋଚ ଖବର ପାଇପାରନ୍ତି ॥

**ତୁଳା:** ଶୁଭ ଖବର ପାଇବେ, ବକେୟା ଅର୍ଥ ପ୍ରାପ୍ତି, ଯାନବାହନ କ୍ରୟ, ଭ୍ରମଣ ସୁଯୋଗ ଜୁଟିବ, ଦୂରଯାତ୍ରାର ଯୋଜନା, ଶିକ୍ଷାରେ ସଫଳତା, ଯାନବାହନରେ ତ୍ରୁଟି, ପରିବହନରେ ଝଗଡା, ସମ୍ପର୍କରେ ଅବନତି, ବ୍ୟବସାୟରେ ଉନ୍ନତି ॥

**ବିଛା:** ସମସ୍ୟା ସମାଧାନ, ବନ୍ଧୁ ଦର୍ଶନରୁ ଆନନ୍ଦ, ଯାନ ବାହନ କ୍ରୟ, ସାମାଜିକ ପ୍ରତିଷ୍ଠା,କାର୍ଯ୍ୟ ସ୍ଥଗିତ ରହିବ, ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ, ପରିବାରରୁ ସହଯୋଗ, ନୈରାଶ୍ୟ ଅପସରି ଯିବ, ପାରିବାରିକ ଶାନ୍ତି ॥

**ଧନୁ:** ଆତ୍ମୀୟଙ୍କ ଉଦାରତା,ବନ୍ଧୁଙ୍କୁ ମିଶିବେ, ଅବହେଳାରୁ କୈଫିୟତ ତଲବ, ସମସ୍ୟା ସମାଧାନ ହେବ, ମାନସିକ ସୁସ୍ଥତା, ସଙ୍ଗଦୋଷରୁ ସମାଲୋଚନା, ମାଙ୍ଗଳିକକାର୍ଯ୍ୟ କରିବେ, ନୂତନ ନିଯୁକ୍ତି,ନୂତନ ବନ୍ଧୁ ସମ୍ପର୍କ ॥

**ମକର:** ପାରିବାରିକ ସମସ୍ୟା, ବୁଝାମଣାରେ ତ୍ରୁଟି,ସମର୍ଥନ ପାଇବେନି, ପଡୋଶୀଙ୍କ ସମାଲୋଚନା, ପରିବହନରୁ ଲାଭ, ଅଶୁଭ ଖବର ପାଇବେ,ବୃତ୍ତିଗତ ସଫଳତା,ଏଜେନ୍ସିପରୁ ଖୁସି ରହିବେ, ପ୍ରତିଯୋଗୀତାରେ ବିବାଦ ॥

**କୁମ୍ଭ:** ମନସ୍ତାପ ଦୂର ହେବ, ବ୍ୟବସାୟରେ ଉନ୍ନତି, ଯାତ୍ରାରେ ସମସ୍ୟା, ବ୍ୟୟ ସଂକୋଚ କରିବେ, ପାରିବାରିକ ସୌଖ୍ୟ, ଭ୍ରାତୃପ୍ରୀତି ମିଳିବ, ଭ୍ରମଣ ସୁଯୋଗ ପାଇବେ, ବିଜାତୀୟଙ୍କ ସାହାଯ୍ୟ, ସରକାରୀ ସାହାଯ୍ୟପ୍ରାପ୍ତି ॥

**ମୀନ:** କର୍ଯ୍ୟଦକ୍ଷତାରୁ ପ୍ରଶଂସା, ଅନୁକୂଳ ପରିବେଶ ସୃଷ୍ଟି, ବିବାଦର ସମାଧାନ, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ସହଯୋଗ, ଧର୍ମକାର୍ଯ୍ୟରେ ଯୋଗଦାନ, କଚେରୀ ମାମଲାରେ ବାଇଦା,ସରକାରୀ ସୁବିଧା ପାଇବେ, ଗବେଷଣାରୁ ପ୍ରଶଂସା ॥

# ଖଜୁରୀର ଉପକାରିତା

ଭିଟାମିନ୍, ଆଇରନ୍, ପୋଟାସିୟମ୍, କ୍ୟାଲସିୟମ୍ ପରି ଅନେକ ଗୁଣକାରୀ ତତ୍ତ୍ୱରେ ଭରା ଖଜୁରୀକୁ ଖାଇଲେ ଶରୀରକୁ ଇନ୍‌ଷ୍ଟାଣ୍ଟ ଏନର୍ଜି ମିଳିଥାଏ। ଖରା, ବର୍ଷା ହେଉ ଅବା ଶୀତ ସବୁ ଋତୁରେ ଏହାକୁ ଆରାମରେ ଖାଇହୁଏ। ତେବେ ଖାଦ୍ୟ ଖାଇସାରିବା ପରେ ନ ଖାଇ ବରଂ ଖାଲିପେଟରେ ଏହାକୁ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଆର୍ଥ୍ରାଇଟିସ୍ ରୋଗୀ ବି ଏହାକୁ ଖାଇପାରିବେ। ଦାନ୍ତକୁ ଶକ୍ତ କରିବା, କୋଷ୍ଠକାଠିନ୍ୟ ଦୂର କରିବା, ହାଡକୁ ମଜଭୁତ୍ କରିବା ତଥା ବ୍ରେନ୍ ପାୱାର୍ ବଢାଇବାରେ ଏହା ବେଶ୍ ଉପକାରୀ ହୋଇଥାଏ। ଶରୀରରେ ହିମୋଗ୍ଲୋବିନ୍‌ର ମାତ୍ରା କମ୍ ଥିଲେ ଖଜୁରୀ ଖାଇବା ଉତ୍ତମ। ତେବେ ଜଣେ ସୁସ୍ଥ ମଣିଷ ଦିନକୁ ଅତି କମ୍‌ରେ ଦୁଇଟି ଖଜୁରୀ ଖାଇବା ଆବଶ୍ୟକ। ପାଚନ କ୍ରିୟା ଯଦି ଠିକ୍ ଥାଏ, ତା'ହେଲେ ୪ରୁ ୫ଟି ଖଜୁରୀ ମଧ୍ୟ ଖିଆଯାଇପାରେ। ସେହିପରି ଛୋଟ ପିଲାଙ୍କ କ୍ଷେତ୍ରରେ ଦିନକୁ ଗୋଟିଏ ମାତ୍ର ଖଜୁରୀ ଖାଇବା ଜରୁରୀ। କାରଣ ଏହା ସେମାନଙ୍କର ଇମ୍ୟୁନିଟି ପାୱାର ବଢାଇଥାଏ। କିନ୍ତୁ ଆବଶ୍ୟକତାଠାରୁ ଅଧିକ



ଖଜୁରୀ ଖାଇବା ଦ୍ୱାରା ଶରୀରରେ ବ୍ଲଡ ସୁଗାର୍ ବଢିବା ସଙ୍ଗେସଙ୍ଗେ ସ୍କିନ୍‌ରେ ରାସେସ୍ ଆସେ, ଓଜନ ବଢେ, ପେଟ ମୋଡି ହେବା ସହ ଡାଇରିଆ ପରି ଗମ୍ଭୀର ସମସ୍ୟା ଆଦି ଦେଖାଯିବାର ସମ୍ଭାବନା ରହିଥାଏ।

# ପାଠକୀୟ

❖ପ୍ରେମର ସ୍ମାରକୀ ଭାବେ ଦିନେ ଶାହଜାହାନ ପତ୍ନୀ ମମତାଜଙ୍କ ସ୍ମୃତିରେ ଗଢିଥିଲେ ତାଜମହଲ; ଯାହାକି ଏବେ ବି ସେହି ଅମର ପ୍ରେମର ଗାଥା କହେ। ତେବେ କେବଳ ଇତିହାସ ପୃଷ୍ଠାରେ ନୁହେଁ ଆଜି ବି ଏମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ପ୍ରେମକୁ ଅମର କରିବା ପାଇଁ କରିଛନ୍ତି ଏଭଳି କିଛି କାମ; ଯାହା ଅନ୍ୟମାନଙ୍କୁ କରୁଛି ଚକିତ। ତେଣୁ ଏଭଳି କିଛି ରୋମାଣ୍ଟିକଭରା କାହାଣୀକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରେମ ପାଇଁ' ବେଶ୍ ହୃଦୟସ୍ପର୍ଶୀ ଥିଲା। 'ନେମ୍‌ପ୍ଲେଟ୍‌କୁ ନେଇ ବାସ୍ତୁ', 'ଉପକାରୀ ଅଁଳା ଗଛ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

**– କ୍ଷୀରୋଦ ସ୍ୱାଇଁ, ଝାରପଡ଼ା, ଭୁବନେଶ୍ୱର**

❖ଏମିତି ବି କିଛି ଲୋକ ଅଛନ୍ତି, ଯେଉଁମାନେ ନିଜ ଭଲପାଇବାକୁ ଅମର କରିବାକୁ ଆଉ ସେହି ସ୍ମୃତିକୁ ମନରେ ସାଇତି ରଖିବାକୁ କରିଛନ୍ତି ଏଭଳି କିଛି ଅଜବ କାମ; ଯାହାକି ଅନ୍ୟମାନଙ୍କୁ ଚକିତ କରିବା ସହିତ ନିଆରା ଉଦାହରଣ ସୃଷ୍ଟି କରିପାରିଛି। ସେମିତି କିଛି ଲୋକଙ୍କୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରେମ ପାଇଁ' ବେଶ୍ ମନଛୁଆଁ ହୋଇଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ, ଗାଳ୍ପିକ, କବି ପୀତବାସ ରାଉତରାୟଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

**– ପ୍ରଭାତ ପାଣିଗ୍ରାହୀ, ସାତପଡ଼ା, ପୁରୀ**

❖ସୃଜନ ପୃଷ୍ଠାରେ ସ୍ଥାନିତ 'ବାପା-ପୁଅ' ଶୀର୍ଷକ ଗପ ଏବଂ 'ସହଜ' ଓ 'ପାଙ୍ଗୋଟି ଏକପଦୀ' ଶୀର୍ଷକ କବିତା ଦୁଇଟି ବେଶ୍ ହୃଦୟଛୁଆଁ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ସେଲିବ୍ରିଟି ସିକ୍ରେଟ୍ ପାଠରୁ ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କର ବ୍ୟକ୍ତିଗତ ଜୀବନ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

**– ସ୍ୱୟଂ ପାଢ଼ି, ସେକ୍ଟର ୨, ରାଉରକେଲା**

❖ସାହିତ୍ୟିକ ମନୋଜ ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା। ମଡେଲ୍ ମିରର୍‌ରେ ଶ୍ରୀମାନ ଅଭିଜିତ ହ୍ୟାଣ୍ଡସମ୍ ଲାଗୁଥିଲେ। ସହର ପୃଷ୍ଠାରୁ ପହଲଗାମ୍ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଗାଡ଼ି ପଛରେ କାହିଁକି ଦୌଡନ୍ତି କୁକୁର' ପାଠଟି ବେଶ୍ ତଥ୍ୟପୂର୍ଣ୍ଣ ଥିଲା।

**– ସୋନାଲି ସାହୁ, ଭବାନୀପାଟଣା**

❖ ଚିନ୍ମୟ ଚିନ୍ତନ 'ନରାଧମ' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସ୍ମାର୍ଟ ଚକିଆ', '୨ କୋଟିର ନେକ୍‌ଲେସ୍' ଏବଂ 'ନିଶରେ ତିଆରି ସୁଟ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ମଜାଦାର୍ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା।

**– ବର୍ଷାରାଣୀ ଦାସ, ସିଡିଏ, କଟକ**

## ବିଶେଷ ଚିଠି



ଶନିବାରେ ସଜ ହୋଇ ରବିବାରେ ଆସ,
ସକାଳୁ ସକାଳୁ ତୁମେ ମହମହ ବାସ।
ଅନେକ ଅଜଣା ତଥ୍ୟ କରିଣ ପ୍ରକାଶ,
ପାଠକ ପାଠିକାଙ୍କୁ କରୁଅଛ ବଶ।
ସାପ୍ତାହିକୀ ମଧ୍ୟେ ତୁମେ ଅଟ ଏକାସାର,
ତୁମ ବିନା ଲାଗେ ସତେ ସବୁ ଅନ୍ଧକାର।
ମନଜାଣି ଆସୁଥାଅ ସାତଦିନ ପରେ,
ତୁମ ଅଦର୍ଶନେ ମନ ସଦା ଝୁରି ମରେ।

**–ଅଶୋକ ରାଉଳ, ଅଡଙ୍ଗ, ଅଣଖିଆ, ଜଗତସିଂହପୁର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ନିଆରା ଗାଁର କଥା



ପ୍ରତି ଗାଁର ଥାଏ ନିଜସ୍ୱ ବିଶେଷତ୍ୱ, ଯାହା ତାକୁ ଖାସ୍ କରାଏ। ଯେମିତି କି ଏଇ ଦୁଇ ଗାଁ, ଯାହା ଏତେ ନିଆରା ଯେ ସାରା ପୃଥିବୀରେ ବେଶ୍ ଚର୍ଚ୍ଚିତ...


**ଧନୀଙ୍କ ଗାଁ:** ଗାଁ କହିଲେ ଆମେ ସାଧାରଣତଃ ଛୋଟ ଛୋଟ ଘର, ବିସ୍ତିର୍ଣ୍ଣ ଚାଷଜମି, କଳ କଳ ବହିଯାଉଥିବା ନଦୀ ଆଦିର କଥା ମନକୁ ଆସିଯାଏ। ଯେଉଁଠି ଧନୀ ଗରିବ ସମସ୍ତେ ମିଶି ରୁହନ୍ତି। ତେବେ ଏମିତି ବି ଏକ ଗାଁ ଅଛି ଯେଉଁଠି ଗରିବ ବୋଲି କେହି ନାହାନ୍ତି। ସମସ୍ତେ ଜଣେ ଜଣେ ମିଲିୟନେର। ନିଜର ବଙ୍ଗଳା, ଗାଡି ଥିବା ସହ ସମସ୍ତ ବ୍ୟାଙ୍କ ଆକାଉଣ୍ଟରେ ଅତି କମ୍‌ରେ ୮୫ ଲକ୍ଷ ଟଙ୍କା ଥାଏ। ମାଗଣା ସ୍ୱାସ୍ଥ୍ୟ ସେବା ସହ ମାଗଣା ଶିକ୍ଷାର ସୁବିଧା ବି ସେମାନେ ପାଆନ୍ତି। ଏହି ଗାଁଟି ହେଉଛି ଚାଇନାର ଜିଆଙ୍ଗସୁ ପ୍ରାନ୍ତର ହୁଆକ୍ସି ଗାଁ। ୧୯୬୧ରେ ଏହି ଗାଁଟି ଗଢି ଉଠିଥିଲା। ଏହି ଗାଁକୁ 'ନମ୍ବର ୱାନ ଭିଲେଜ୍ ଅଣ୍ଡର ଦ ସ୍କାଏ' ବୋଲି ମଧ୍ୟ କୁହାଯାଏ। ଏଠାକାର ଅଧିବାସୀଙ୍କ ସଂଖ୍ୟା ହେଉଛି ୨୦୦୦। ତା'ଛଡା ଏଠାରେ ୨୦,୩୪୪ ଜଣ ପ୍ରବାସୀ ଶ୍ରମିକ ବି ରୁହନ୍ତି। ଏଠାକାର ଅଧିବାସୀ ୬୦ଟି କମ୍ପାନୀର ମାଲିକ ଅଟନ୍ତି। ଫଳରେ ମାନୁଫାକ୍ଚରିଂ ସେକ୍ଟରରୁ ଏହି ଗାଁକୁ ୮ ବିଲିୟନ ଡଲାରର ରେଭେନ୍ୟୁ ମିଳିଥାଏ। ବେଶ୍ ଲକ୍ଜ୍ୟୁରୀୟସ ଜୀବନ ଅତିବାହିତ କରୁଥିବା ଏଠାକାର ଅଧିବାସୀଙ୍କ ଜୀବନ କିନ୍ତୁ ଏତେ ସହଜ ନୁହେଁ। ଅକ୍ଲାନ୍ତ ପରିଶ୍ରମ ପ୍ରତିବଦଳରେ ସେମାନେ ଏହି ଧନ ସମ୍ପତ୍ତିର ଅଧିକାରୀ ହୋଇପାରନ୍ତି। ଆଉ କେବଳ ସ୍ଥାୟୀ ବାସିନ୍ଦା ହିଁ ସବୁସୁଖ ସୁବିଧା ପାଆନ୍ତି। ସପ୍ତାହକ ସାତଦିନ ସେମାନେ କାମ କରନ୍ତି। ଏଠାକାର ଆଉ ଏକ ବିଶେଷତ୍ୱ ହେଉଛି ଏହି ଗାଁର ସମସ୍ତଙ୍କ ଘର ଏକାପ୍ରକାରର ଓ ଖୁବ୍ ସୁନ୍ଦର। ନାଲି ଛାତ ଥିବା ଭିଲ୍ଲାରେ ସୁନ୍ଦର ଲନ୍ ଓ ଦୁଇଟି ଗ୍ୟାରେଜ ଥାଏ, ଯାହାକୁ କମ୍ୟୁନିଟି ଦେଇଥାଏ। ଏଠାରେ ଗ୍ୟାମ୍ବଲିଂ, ଡ୍ରଗ୍ସ ସମ୍ପୂର୍ଣ୍ଣ ନିଷେଧ। ଏମିତି ବାହାର ଲୋକଙ୍କ ସହ କଥା ହେବା ବି ମନା। ବାର୍ ନାହିଁ କି କରାଓକେ, ଇଣ୍ଟରନେଟ୍ କ୍ୟାଫେ ବି ନାହିଁ। କେବଳ ଗାଁର ଥିଏଟର ଗ୍ରୁପ ମନୋରଞ୍ଜନ କାର୍ଯ୍ୟକ୍ରମ କରିଥାଏ। ଏଠାରେ ଏକ ସୁନ୍ଦର ପଞ୍ଚ ତାରକା ହୋଟେଲ ଅଛି, ଯେଉଁଠି ଏଠାକାର ଅଧିବାସୀ ସପ୍ତାହ ଯାକର ପରିଶ୍ରମ ପରେ ଯାଇ ମଜା କରିପାରିବେ। ଆଉ ପିଲାଙ୍କ ପାଇଁ ଏକ ଥିମ୍ ପାର୍କ ବି ଅଛି।


**ଯେଉଁ ଗାଁର ଅଛି ନିଜର ସୂର୍ଯ୍ୟ:** ଭିଗାନେଲା, ଇଟାଲିର ଏକ ଛୋଟିଆ ଗାଁ। ଯାହାକି ଦୁଇ ସୁଉଚ୍ଚ ପାହାଡ ମଧ୍ୟସ୍ଥ ନିମ୍ନଭାଗରେ ଅବସ୍ଥିତ। ଏହି ଗାଁଟି ଏତେ ନିମ୍ନ ଭାଗରେ ଅଛି ଯେ, ଏହା ଚାରିପଟେ ଥିବା ସୁଉଚ୍ଚ ପାହାଡର ଛାଇ ପୁରା ଗାଁକୁ ଆଚ୍ଛାଦିତ କରି ରଖେ। ଆଉ ଶୀତଦିନେ ତ ପାହାଡ ସୂର୍ଯ୍ୟ କିରଣକୁ ସମ୍ପୂର୍ଣ୍ଣ ଅବରୋଧ କରି ରଖେ। ଫଳରେ ନଭେମ୍ବର ୧୧ ତାରିଖରୁ ସୂର୍ଯ୍ୟ ଏଠାରୁ ଅନ୍ତର୍ଧାନ ହୋଇଯାନ୍ତି ଏବଂ ୨ ଫେବୃୟାରୀ ପର୍ଯ୍ୟନ୍ତ ଆଦୌ ଦେଖା ଯାଆନ୍ତି ନାହିଁ। ଅର୍ଥାତ୍ ପ୍ରତିବର୍ଷ ଏଠାକାର ଅଧିବାସୀ ନଭେମ୍ବର ୧୧ରେ ଶେଷ ସୂର୍ଯ୍ୟାସ୍ତ ଦେଖନ୍ତି ଓ ନୂଆ ଏକ ସୂର୍ଯ୍ୟୋଦୟ ପାଇଁ ଅପେକ୍ଷା କରନ୍ତି ଫେବୃୟାରୀ ୨ ତାରିଖକୁ। ତିନି ମାସର ଅପେକ୍ଷା ପରେ ଯେବେ ସୂର୍ଯ୍ୟୋଦୟ ହୁଏ ସେହି ସମୟରେ ସେମାନେ ପାରମ୍ପରିକ ପୋଷାକ ପିନ୍ଧି ଉତ୍ସବ କରନ୍ତି। ଇତିହାସ କହେ ତ୍ରୟୋଦଶ ଶତାବ୍ଦିରେ ଭିଗାନେଲା ଗାଁରେ ଜନବସତି ଗଢି ଉଠିଥିଲା, ଯାହାର ଅର୍ଥ ହେଉଛି ଏଠାକାର ଅଧିବାସୀ ୮୦୦ରୁ ଊର୍ଦ୍ଧ୍ୱ ଶୀତଦିନକୁ ଅନ୍ଧକାରରେ ବିତାଇ ଆସିଛନ୍ତି। ଶୀତଦିନ ହେବାମାତ୍ରେ ଏଇ ଗାଁ ଶୂନଶାନ ହେଇଯାଏ। ଏହି ସମସ୍ୟାକୁ ସେମାନେ ନିଜର ଭାଗ୍ୟ ବୋଲି ମଧ୍ୟ ଗ୍ରହଣ କରି ନେଇଥିଲେ। କିନ୍ତୁ ଏଠାକାର ଜଣେ ସ୍ଥାନୀୟ ଇଞ୍ଜିନିୟର ଏବଂ ଆର୍କିଟେକ୍ଟ ଜିଆକୋମୋ ବୋଞ୍ଜାନି ଏଭଳି ଏକ ଯୋଜନା କଲେ, ଯାହା ଏଇ ଗାଁର ଭବିଷ୍ୟତ ଉଜ୍ଜ୍ୱଳମୟ କରିଦେଲା। ସେ ଏକ ବଡ଼ ଦର୍ପଣ ମାଧ୍ୟମରେ ସୂର୍ଯ୍ୟ କିରଣକୁ ପ୍ରତିଫଳିତ କରି ଗାଁ ଭିତରେ ପକାଇବାକୁ ଚେଷ୍ଟା କଲେ। ଏଥିରେ ଏଠାକାର ମେୟର ପିଏରଫ୍ରାଙ୍କୋ ମିଦାଲି ସହଯୋଗ କଲେ। ଆଉ ୨୦୦୫ରେ ୧୦୦୦୦୦ ୟୁରୋ ଖର୍ଚ୍ଚ କରି ବଡ଼ ଦର୍ପଣ ତିଆରି କରାଗଲା। ନଭେମ୍ବର ୨୦୦୬ରେ ୪୦ ବର୍ଗ ମିଟରର ଦର୍ପଣ ପ୍ରସ୍ତୁତ ହୋଇଗଲା, ଯାହାର ଓଜନ ୧.୧ ଟନ୍ ଥିଲା। ଏହାକୁ ପାହାଡର ବିପରୀତ ପାର୍ଶ୍ୱର ଢାଲୁ ସ୍ଥାନରେ ୧୧୦୦ ମିଟର ଉଚ୍ଚତାରେ ସ୍ଥାପନ କରାଗଲା। ତେବେ ଦର୍ପଣଟି ସମ୍ପୂର୍ଣ୍ଣ ଗାଁକୁ ଆଲୋକିତ କରିବା ପାଇଁ ଥିଲା ଖୁବ୍ ଛୋଟ। ତେଣୁ ଭିଗାନେଲା ଗାଁର ମୁଖ୍ୟ ଛକ ସ୍ଥାନ ଚର୍ଚ୍ଚ ସମ୍ମୁଖରେ ଯେମିତି ସୂର୍ଯ୍ୟାଲୋକ ପଡିପାରିବ ବ୍ୟବସ୍ଥା କରାଗଲା। ଏହି ଦର୍ପଣ ଏକ ସଫ୍ଟୱେର ପ୍ରୋଗାମଦ୍ୱାରା କମ୍ପ୍ୟୁଟରରେ ପରିଚାଳିତ ହୋଇ ସୂର୍ଯ୍ୟର ଗତିପଥକୁ ଅନୁସରଣ କରିଥାଏ। ଆଉ ସୂର୍ଯ୍ୟ ଯେଉଁ ଆଡକୁ ଗତି କରେ ତାକୁ ଅନୁସରଣ କରିବା ସହ ତା'ର ଆଲୋକକୁ ପ୍ରତିଫଳିତ କରି ଦିନକୁ ପ୍ରାୟ ୬ ଘଣ୍ଟା ଗାଁକୁ ଆଲୋକିତ କରେ। ତେଣୁ ଏବେ ଏଠାକାର ଶୀତଦିନ ଆଉ ଅନ୍ଧକାରମୟ ଓ ଶୂନଶାନ୍ ହୋଇ ନାହିଁ। ଲୋକେ ନିଜ ନିଜ ଘରୁ ବାହାରି ପାରୁଛନ୍ତି। ସେଥିପାଇଁ ଭିଗାନେଲାର ଅଧିବାସୀ ବେଶ୍ ଖୁସିରେ କୁହନ୍ତି ଯେ, ଆମ ଗାଁର ନିଜସ୍ୱ ସୂର୍ଯ୍ୟ ଅଛି। ଶୀତଦିନ ପରେ କିନ୍ତୁ ସେହି ଦର୍ପଣକୁ ଘୋଡାଇ ରଖି ଦିଆଯାଏ।



–ଶିବାନୀ

# ଦଣ୍ଡପର୍ବ





ଚୈତ୍ରମାସ ଆରମ୍ଭରେ ଓଡ଼ିଶାର ପୁରପଲ୍ଲୀରେ ପାରମ୍ପରିକ ରୀତିନୀତିରେ ପାଳନ ହୋଇଥାଏ ଦଣ୍ଡପର୍ବ । ଏହି ପର୍ବରେ ଭଗତାମାନେ ନିଷ୍ଠାର ସହିତ ମଙ୍ଗଳମୟ ଶିବଙ୍କୁ ଆରାଧନା କରିଥାନ୍ତି। ଦଣ୍ଡନୃତ୍ୟରେ ପୌରାଣିକ, କିମ୍ବଦନ୍ତୀ ଓ ଲୋକକଥାକୁ ନେଇ ସାମାଜିକ ଚଳଣିରେ ସଂସ୍କାର, ଭାଇଚାରା ସୁଦୃଢ ହେବାର ବାର୍ତ୍ତାଦେଇଥାଏ।

**ଦଣ୍ଡପର୍ବର ପୃଷ୍ଠଭୂମି**– ଶୈବପୁରାଣରୁ ଜଣାପଡ଼େ ଶିବଙ୍କ ଉଦଣ୍ଡ ନୃତ୍ୟରୁ ଦଣ୍ଡନୃତ୍ୟର ସୃଷ୍ଟି।ଏସମ୍ପର୍କରେ **ପ୍ରଫେସର ସୁରେନ୍ଦ୍ର ନାଥ ଦାଶ** କୁହନ୍ତି, 'କଠୋର ଦଣ୍ଡଯୁକ୍ତ କାମନାର ସିଦ୍ଧିପ୍ରାପ୍ତ ପୌରାଣିକ ଆଖ୍ୟାନକୁ ନେଇ ଏହି ପର୍ବ ପାଳନ ହେଉଥିବାରୁ ଏହାର ନାମ କାମନାଦଣ୍ଡ ରହିଛି। ଏହାର ଉତ୍ପତ୍ତିସ୍ଥଳ କପିଳାସ ବୋଲି କୁହାଯାଏ। ପ୍ରାୟ ଅଷ୍ଟମ/ନବମ ଶତାବ୍ଦୀ ବେଳକୁ ଏହି ନୃତ୍ୟ ଭକ୍ତଜନଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା। ମାନସିକଧାରୀମାନେ ଦଣ୍ଡ ପର୍ବ ଆରମ୍ଭରୁ ଶେଷଯାଏ ହିନ୍ଦୁ ରୀତିନୀତି ଅନୁଯାୟୀ ନିଷ୍ଠାର ସହିତ ପାଳନ କରିଥାନ୍ତି। ସେମାନେ ଋଷିପୁତ୍ରମାନଙ୍କ ପରି ବ୍ରତ ଆଚରଣ କରିଥିବାରୁ ସେମାନଙ୍କୁ ଭଗତା ବା ଋଷିପୁତ୍ର ବୋଲି ସମ୍ବୋଧନ କରାଯାଏ। ତେବେ ଦଣ୍ଡ ଏକ କୃଷିଭିତ୍ତିକ ପର୍ବ। ଆଗାମୀ ବର୍ଷ ପାଇଁ କିପରି ଭଲ ଫସଲ ଅମଳ ହେବ ସେହି ଉଦ୍ଦେଶ୍ୟରେ ଈଶ୍ୱରଙ୍କୁ ପ୍ରାର୍ଥନା କରାଯାଇଥାଏ। ଦଣ୍ଡପର୍ବର ପୂଜାବିଧିକୁ ଲକ୍ଷ୍ୟକଲେ ଜଣାଯାଏ – ଏହା ହେଉଛି ବୌଦ୍ଧ, ଶୈବ ଏବଂ ଶାକ୍ତଧର୍ମର ଏକ ଅପୂର୍ବ ସମନ୍ୱୟ। ଏହି ପର୍ବରେ ଶିବ ଓ କାଳୀଙ୍କୁ ପୂଜା କରାଯାଇଥାଏ।

**ଦଣ୍ଡପର୍ବର ବିଧିବିଧାନ**– ଚୈତ୍ରପୂର୍ଣ୍ଣିମାଠାରୁ ଏହି ପର୍ବ ପାଳନ ହୋଇ ବିଷୁବ ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଥାଏ। ଶେଷଦିନକୁ ମେରୁ ବୋଲି କୁହାଯାଏ। ତେବେ ରାଜ୍ୟ କଳା ଓ ସଂସ୍କୃତି ସଂଘ ଉପସଭାପତି **ଅବନୀ କୁମାର ମିଶ୍ର** କୁହନ୍ତି –ଦଣ୍ଡ କୋଠି ଆରମ୍ଭରେ ଭଗତାମାନେ ପ୍ରଥମେ ଗଙ୍ଗାମାଟି, ସମୁଦ୍ରବାଲି, ତୁଳସୀମୂଳ ମାଟି, ଶିବପାଦୁକା କୁଣ୍ଡ ମାଟି, କୁମ୍ଭାର ମାଟି ଆଦିକୁ ସଂଗ୍ରହକରି ଶିବମନ୍ଦିରସ୍ଥିତ ପାଦୁକାକୁଣ୍ଡ ପାର୍ଶ୍ୱରେ ରଖିଥାନ୍ତି। କେତେକ ସ୍ଥାନରେ କୁମ୍ଭାରମାନେ ଜଳ ଓ ମାଟି ଆଣିଥାନ୍ତି। ପୂର୍ବରୁ ଶ୍ମଶାନରେ ଥିବା ପାଞ୍ଚ କାଠକୁ ଯୋଗାଡ଼କରି ଦଣ୍ଡଘଡ଼ିରେ ଘୋଡ଼ାଇ ରଖିଥାନ୍ତି। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବାଦ୍ୟ, ଘଣ୍ଟ, ମୃଦଙ୍ଗ, ଢୋଲ, ଝାଞ୍ଜ ଶଙ୍ଖ, ତୂରୀ ଆଦି ବାଦ୍ୟଯନ୍ତ୍ର ବଜାଯାଇ ଠାକୁରଙ୍କୁ ଆମନ୍ତ୍ରଣ କରାଯାଇଥାଏ। ପବିତ୍ର ପୀଠରେ ଫୁଲ ଧଣ୍ଡାକୁ ଆବାହନ କରାଯିବାପରେ ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ଓ ନବମୀତିଥି ନିଶାର୍ଦ୍ଧରେ ଗାଁ ପୋଖରୀ କିମ୍ବା ନଦୀ ଜଳରେ ମୁଖ୍ୟତଃ ୧୩ ଜଣ ଭଗତା ନିଷ୍ଠାର ସହିତ ଏକତ୍ରିତ ହୋଇ ଶିବଙ୍କୁ ପ୍ରାର୍ଥନା କରିଥାନ୍ତି। ଦଣ୍ଡପର୍ବର ବିଧିବିଧାନ ଅତ୍ୟନ୍ତ କଷ୍ଟସାଧ୍ୟ। ପରମ୍ପରା ଅନୁସାରେ ସ୍ଥାନବିଶେଷରେ କେଉଁଠି ତିନିଦିନ, ପାଞ୍ଚଦିନ, ସାତଦିନ, ତେରଦିନ, ଷୋହଳଦିନ ଓ ଏକୋଇଶଦିନ ପାଳନ କରାଯାଇଥାଏ। ଦଣ୍ଡପର୍ବର ଶେଷଦିନରେ ଭଗତାମାନେ ଅଭିନୟ ସହକାରେ ହଳ କରନ୍ତି, ଧାନବୁଣନ୍ତି, ଦୋଳିଖେଳନ୍ତି, ମଣିଆମାକୁ ସାକ୍ଷୀରଖି ଭଲ ଚାଷ ପାଇଁ କାମନା କରିଥାନ୍ତି ଏବଂ କୋଇଲିଖିଆ କଣ୍ଟାରେ ଭଗତାମାନେ ଗଡ଼ନ୍ତି। ତେବେ ଭଗତାମାନେ ଦିନରେ ଥରେ ମାତ୍ର ଅର୍ଦ୍ଧରାତ୍ରି ସମୟରେ ବିଭିନ୍ନ ଫଳ ଓ ପଣା ଆହାରକରି ସମୟ ବିତାଇଥାନ୍ତି। କିନ୍ତୁ ପ୍ରସାଦ ସେବନବେଳେ ଯେପରି କୌଣସି ବାହ୍ୟ ଜୀବଜନ୍ତୁ କିମ୍ବା ନକାରାତ୍ମକ ଶବ୍ଦ କର୍ଣ୍ଣ ଗୋଚର ନ ହେବ ସେଥିପ୍ରତି ସତର୍କ ହୋଇଥାନ୍ତି। କେତେକ ସ୍ଥାନରେ ଭଗତାମାନେ ସିଝାଫଳ, ଅରୁଆ ଅନ୍ନପ୍ରସାଦ ଗ୍ରହଣ କରିଥାନ୍ତି। କବିରତ୍ନ ଭିକାରୀ ଚରଣ ଦାସଙ୍କ 'ଦଣ୍ଡଫଳଶ୍ରୁତି' ଗୀତରେ ଏହି ଦଣ୍ଡନାଟ ବିଷୟରେ ବର୍ଣ୍ଣନା କରାଯାଇଛି।

**ପୌରାଣିକ କଥା**– ଏହି ପର୍ବର ମୁଖ୍ୟ ହେଉଛନ୍ତି ଶିବ ପାର୍ବତୀ। ପୁରାଣରୁ ଜଣାପଡ଼େ ଦେବଗୁରୁ ବୃହସ୍ପତିଙ୍କ ନିକଟରୁ ଭଗବାନ ବ୍ରହ୍ମାଙ୍କ ପାଞ୍ଚପୁତ୍ର, ଇନ୍ଦ୍ରଙ୍କ ପାଞ୍ଚପୁତ୍ର ଏବଂ କୁବେରଙ୍କ ତିନିପୁତ୍ର ବିଦ୍ୟାଲାଭକରି ଫେରୁଥିବା ବେଳେ ଏକ ନଦୀ ତଟରେ ମହର୍ଷି କ୍ରତୁ ତାଙ୍କ ପିତୃଲୋକଙ୍କୁ ଜଳଦାନ କରୁଥିଲେ। ସେହି ସମୟରେ ଏହି ବାଳକମାନେ ଋଷିଙ୍କ ଉପରକୁ ଥଟ୍ଟାରେ ବାଲି ଫୋପାଡ଼ିଦେଇ ଲୁଚିଗଲେ। ଏଥିରେ ମହର୍ଷି କୋପହୋଇ ବାଳକମାନଙ୍କୁ ଅଭିଶାପ ଦେଲେ। ଫଳସ୍ୱରୂପ ସଙ୍ଗେସଙ୍ଗେ ସେହି ବାଳକମାନେ ଏକ ବ୍ୟାଧିରେ ପୀଡ଼ିତ ହେଲେ । ଏଥିରେ ବ୍ରହ୍ମା, ଇନ୍ଦ୍ର ଓ କୁବେର ବିଚଳିତ ହୋଇ ପୁତ୍ରମାନଙ୍କ ଆରୋଗ୍ୟ ନିମନ୍ତେ ମହର୍ଷି କ୍ରତୁଙ୍କ ପାଖରେ କ୍ଷମା ପ୍ରାର୍ଥନା କଲେ। ମହର୍ଷି କ୍ରତୁ ତାଙ୍କୁ ଏଥିରୁ ମୁକ୍ତି ପାଇଁ ମହାଦେବଙ୍କ ଶରଣ ଯିବାକୁ

→












ଉପଦେଶ ଦେଲେ। ଏହା ଶୁଣି ବ୍ରହ୍ମା, ଇନ୍ଦ୍ର ଏବଂ କୁବେର ସମେତ ତେରଜଣ ବାଳକ କାଳବିଳମ୍ବ ନ କରି ମହାଦେବଙ୍କ ପାଖରେ ପହଞ୍ଚିଲେ । ସେତେବେଳେ ମହାଦେବ ରୁଦ୍ରକାଳୀଙ୍କୁ ପ୍ରାର୍ଥନା କରୁଥିଲେ । ସେହି ସମୟରେ ସାଧନାରେ କିଛି ବିଘ୍ନ ଆଶଙ୍କାରେ ମା' ରୁଦ୍ରକାଳୀ ଆବିର୍ଭାବ ହୋଇ ବାଳକମାନଙ୍କୁ ଉଦ୍ଧାର କରିଥିଲେ। ଏହାପରେ ମହାଦେବ ଏବଂ ତେରଜଣ ବାଳକ ରୁଦ୍ରକାଳୀଙ୍କ ଦଣ୍ଡ ବ୍ରତ ପାଳନ ନିମନ୍ତେ ନିଷ୍ଠାର ସହିତ ଉପବାସ ଓ ରାତି ଉଜାଗର ରହି ଈଶ୍ୱରଙ୍କୁ ପ୍ରାର୍ଥନା କଲେ। ଏହି ସମୟରେ ତେରଜଣ ବାଳକ ନିଦରେ ଶୋଇପଡ଼ିଥିବାରୁ ମହାଦେବ ସେମାନଙ୍କୁ ଦଣ୍ଡ ସ୍ୱରୂପ ବେତମାଡ଼ ଦେଇ ନିଦ୍ରାଭଙ୍ଗ କରିଥିଲେ ବୋଲି ଧର୍ମବିଶ୍ୱାସ ରହିଛି। ତେବେ ଏହିବ୍ରତ ପାଳନରେ ବ୍ରତଧାରୀମାନେ ବିଭିନ୍ନ ଦଣ୍ଡ ଭୋଗ କରୁଥିବାରୁ ଏହା ଦଣ୍ଡପର୍ବ ବୋଲି କୁହାଯାଏ। ଏହି ପର୍ବରେ ଦଣ୍ଡବରଣ କରି ବା ନିଜକୁ କଷ୍ଟ ଦେଇ ଆରାଧ୍ୟ ଦେବତାଙ୍କଠାରୁ ଦୟା ବା କରୁଣା ଉଦ୍ରେକ କରିବା ଏବଂ ଶିବଙ୍କ ପ୍ରତୀକ ରୂପେ ସାତ୍ତ୍ୱିକ ଭାବାପନ୍ନ ହୋଇ ଦଣ୍ଡବେତ ପୂଜା କରିଥାନ୍ତି।



**ଷୋହଳ ସୁଆଙ୍ଗ**– ଆକାଶବାଣୀର ପୂର୍ବତନ ଅନୁଚିନ୍ତା ଉଦ୍‌ଘୋଷକ ତଥା ସାହିତ୍ୟିକ **ଶଙ୍କର୍ଷଣ ମଙ୍ଗରାଜ** କୁହନ୍ତି –ପୌରାଣିକ ବିଷୟର ଆଖ୍ୟାନକୁ ନେଇ ପରମ୍ପରା ଅନୁସାରେ ଆରମ୍ଭରେ ଦଣ୍ଡଖେଳ ସହ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ। ଯେଉଁଥିରେ ପ୍ରଥମେ ବାବାଜୀ, ଦ୍ୱିତୀୟରେ ହର ପାର୍ବତୀ, ତୃତୀୟରେ ପ୍ରଭା, ଚତୁର୍ଥେ ଚଢ଼େୟା ଚଢ଼େୟାଣୀ, ଯୋଗୀ ଯୋଗିଆଣୀ, ବାଇଧନ, ଶବର ଶବରୁଣୀ, ପତରସଉରୁଣୀ, ନଟ ନଟୀ, ବୀଣାକାର ଆଦି କେତେଜଣଙ୍କ କାହାଣୀ ପରିବେଷଣ କରାଯାଏ। ଏଥିରେ ଅଭିନୟ କରୁଥିବା କଳାକାରମାନେ ନାଚ ମାଧ୍ୟମରେ ଗାଉଁଲି ଢଗଢମାଳି ଓ ଗୀତ ଗାୟନ କରିଥାନ୍ତି। ଭଗତାମାନେ ଦଣ୍ଡରେ ଝୁଣା ମାରି ନାନାପ୍ରକାର ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ଯାହା ସାମାଜିକ ସଂସ୍କାରର ବାର୍ତ୍ତା ଦେଇଥାଏ।



**ଅଗ୍ନିଦଣ୍ଡ**– ପାରମ୍ପରିକ ଦଣ୍ଡପର୍ବର ରୀତିନୀତିରେ ନିଶାର୍ଦ୍ଧରେ ଭଗତାମାନେ ଢୋଲ, ଘଣ୍ଟ, ଶଙ୍ଖ, ଝାଞ୍ଜ ଆଦି ବାଦ୍ୟର ତାଳେତାଳେ କାମନାଘର ବା କୋଠିଘରୁ ଠାକୁରଙ୍କ ଫୁଲଧଣ୍ଡାକୁ ଆବାହନ କରି ନଦୀ କିମ୍ବା ପୋଖରୀ କୂଳରେ (ପାଣିତୋଳା) ଦଣ୍ଡପର୍ବ ଆରମ୍ଭ କରିଥାନ୍ତି। ଠାକୁରଙ୍କୁ ନାନାପ୍ରକାରର ଫୁଲପତ୍ରରେ ଟାହିଆରେ ସଜ୍ଜିତ କରାଯାଇଥାଏ। ଦଣ୍ଡରେ ଅଗ୍ନି ସଂଯୋଗ କରି ଝୁଣା ମାରିଥାନ୍ତି। ପରେ ଗ୍ରାମର ଦେବଦେବୀଙ୍କ ପୀଠରେ ଧୂପ ଦେଇଥାନ୍ତି। ପରମ୍ପରା ଅନୁଯାୟୀ ପ୍ରଥମେ କୋଠିଘରଠାରେ ଦଣ୍ଡ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ପରେ ମାନସିକଧାରୀଙ୍କ ପାଇଁ ଦଣ୍ଡଠାକୁରଙ୍କ କୋଠି ମେଳଣ ହୋଇଥାଏ।

**ଧୂଳିଦଣ୍ଡ**–ବୈଶାଖର ପ୍ରଚଣ୍ଡ ରୌଦ୍ରତାପକୁ ଖାତିର ନ କରି ମଧ୍ୟାହ୍ନ ସମୟରେ ଭଗତାମାନେ ପାଟଦଣ୍ଡ ଧରି ପାରମ୍ପରିକ ବାଦ୍ୟର ତାଳେତାଳେ ଗାଁ ଗାଁ ବୁଲି ଦଣ୍ଡନୃତ୍ୟ ପରିବେଷଣ କରିଥାନ୍ତି। ଧୂଳିରେ ଗଡିଥାନ୍ତି। ଏହାକୁ ଧୂଳିଦଣ୍ଡ କୁହାଯାଇଥାଏ।

**ପାଣିଦଣ୍ଡ**– ଭଗତାମାନେ ମନ୍ଦିର କୋଠିଘରୁ ଠାକୁରଙ୍କ ପାଟଦଣ୍ଡକୁ ଧରି ନଦୀ କିମ୍ବା ପୋଖରୀ କୂଳକୁ ଆସିଥାନ୍ତି। ଜଳାଶୟ ମଧ୍ୟକୁ ପ୍ରବେଶକରି ପ୍ରଥମେ ବୁଡ଼ ପକାଇ ଜଳାଶୟ ମଧ୍ୟରୁ ହାତମୁଠାରେ ବାଲୁକା ସଂଗ୍ରହ କରି କୂଳରେ ପୂଜା କରିଥାନ୍ତି। ଏହାପରେ ଭଗତାମାନେ ଠାକୁରଙ୍କୁ ସ୍ମରଣ କରି ମନ୍ତ୍ର ଉଚ୍ଚାରଣକରି ଧୂପଦୀପ ଦେଇ ପାଟଦଣ୍ଡୁଆ ଦଣ୍ଡରେ ଅଗ୍ନିସଂଯୋଗକରି ଝୁଣା ପକାଇଥାନ୍ତି।

**ବନଦଣ୍ଡ**–ଚୈତ୍ରମାସର ସନ୍ଧ୍ୟା ସମୟରେ ଜଙ୍ଗଲ ମଧ୍ୟରେ ଭଗତାମାନେ ଶିବଙ୍କୁ ସ୍ମରଣକରି ଦଣ୍ଡନୃତ୍ୟ ପ୍ରଦର୍ଶନ କରିଥାନ୍ତି। ପ୍ରଥମ ଦିନଠାରୁ ମେରୁ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଠାକୁରଙ୍କୁ ଧରି ଭ୍ରମଣ ବେଳେ କଳାକାରମାନେ ଦଣ୍ଡନୃତ୍ୟ ପ୍ରଦର୍ଶନ କରିଥାନ୍ତି।

**ପାଟଦଣ୍ଡ ମେଳଣ**– ବିଭିନ୍ନ ସ୍ଥାନରେ ପାଟଦଣ୍ଡ କୋଠି ମେଳଣ ହେଉଥିବାବେଳେ ଖୋର୍ଦ୍ଧାଜିଲାର କୁହୁଡ଼ିଠାରେ ମହୋତ୍ସବ କମିଟି କୁହୁଡ଼ି ଛ'ଗଡ଼ ତରଫରୁ ୨୧କୋଠି ପାଟଦଣ୍ଡ ମେଳଣ ମହୋତ୍ସବର ଆୟୋଜନ ନିକଟସ୍ଥ ଜନତା କଲେଜ ପଡ଼ିଆରେ ହୋଇଥାଏ। ଏହି ମେଳଣରେ ବାଲିନାସୀ, ବାଉଁଶମୂଳ, ବାଲିଆ, ରତନପୁର, ହାଟବରଡ଼ିହ ଆଦି ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ଦେବ, ସୋରଣ ଗ୍ରାମର ଶ୍ରୀ ବ୍ରହ୍ମେଶ୍ୱର ଦେବ, ଛକଡ଼ିପୁର ଶ୍ରୀଲୋକନାଥ ଦେବ, ଚାନ୍ଦପୁର, ଜେମାଦେଈପୁର, କନ୍ଧନୟାଗଡ଼ର ଶ୍ରୀଈଶାନେଶ୍ୱର ଦେବ, ସୁନାଖଳା,ସଲପଡ଼ି, ଭୋବରା ଗ୍ରାମର ଶ୍ରୀନୀଳକଣ୍ଠେଶ୍ୱର ଦେବ, ଜରିପଡ଼ାର ଶ୍ରୀକେଦାରେଶ୍ୱର ଦେବ, ଓରଡ଼ର ଚଉଁରା ଚଣ୍ଡୀହରଦେବ, ପଣସପୁର,ଦାରୁଗାଁ, ମାନସିଂହପୁର, କୁହୁଡ଼ି (ସାନକୋଠି,ବଡ଼କୋଠି)– ଶ୍ରୀଚଣ୍ଡୀହରଦେବ ଓ ବଉଳାବନ୍ଧ, ଘାସଡ଼ିହ ଗାଁର ଶ୍ରୀଗାଦିଶ୍ୱର ଦେବଙ୍କୁ ଚଳିତବର୍ଷ ନିମନ୍ତ୍ରଣ କରାଯାଇଥିବା ଜଣାପଡ଼ିଛି।

**କନ୍ଧମାଳରେ ଦଣ୍ଡପର୍ବ**– କନ୍ଧମାଳ ଜିଲାର ଦଣ୍ଡନୃତ୍ୟ ପରମ୍ପରା ବହୁ ପ୍ରାଚୀନ । ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଦଣ୍ଡ ନୃତ୍ୟଦଳଙ୍କ ଦ୍ୱାରା ପାରମ୍ପରିକ ରୀତିନୀତିରେ ଅପରାହ୍ନରେ ଧୂଳି ଦଣ୍ଡ, ସନ୍ଧ୍ୟାରେ ପାଣି ଦଣ୍ଡ ଏବଂ ରାତିରେ ଅଗ୍ନି ଦଣ୍ଡ ପରିବେଷଣ କରିଥା'ନ୍ତି । ପ୍ରତ୍ୟେକ ଦଣ୍ଡଦଳରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଦଣ୍ଡୁଆ ଯୋଗଦେଇଥାନ୍ତି। କିନ୍ତୁ ସମୟ ସ୍ରୋତରେ ଆଧୁନିକତାର ସ୍ପର୍ଶ ଦଣ୍ଡନୃତ୍ୟରେ ପ୍ରବେଶ କରିଥିଲେ ମଧ କନ୍ଧମାଳ ଜିଲାରେ ଅନେକ ସ୍ଥାନରେ କେବଳ ପାରମ୍ପରିକ ଦଣ୍ଡ ନୃତ୍ୟ ହୋଇଥାଏ।। ଏଥିସହିତ ବିଭିନ୍ନ ସ୍ଥାନରେ ପଞ୍ଚଦଣ୍ଡ, ଅଷ୍ଟ ଦଣ୍ଡ, ତେରଦଣ୍ଡ ମେଳଣକୁ ଆଡ଼ମ୍ବରରେ ପାଳନ କରାଯାଇଥାଏ। ରାଇକିଆ ପଞ୍ଚଦଣ୍ଡ କମିଟିର ସଦସ୍ୟ ଦୁର୍ଯ୍ୟୋଧନ ଲେଙ୍କା କୁହନ୍ତି, ଦଣ୍ଡନୃତ୍ୟ ଦ୍ୱାରା ଲୋକଙ୍କ ମଧରେ ଆଧାତ୍ମିକ ଚେତନା ସହିତ ସାମାଜିକ ସଚେତନତା ସୃଷ୍ଟି ହୋଇଥାଏ। ରାଇକିଆ ପଞ୍ଚଦଣ୍ଡ କମିଟି ତରଫରୁ ପ୍ରତି ବର୍ଷ ଆଖପାଖ ଅଞ୍ଚଳର ଦଣ୍ଡନୃତ୍ୟ ଦଳଙ୍କୁ ନେଇ ଏକ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

ଏହି ଜିଲା ବ୍ୟତିତ ଓଡ଼ିଶାର ଢେଙ୍କାନାଳ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ଅନୁଗୋଳ, ଖୋର୍ଦ୍ଧା, ଗଞ୍ଜାମ ଓ ପୁରୀ ଆଦି ବିଭିନ୍ନ ଜିଲାରେ ଏହି ପର୍ବ ଦେଖିବାକୁ ମିଳେ।





**–ବନବିହାରୀ ବେହେରା**

**ପ୍ରଦୀପ ବେହେରା,ଲୋକନାଥ ମିଶ୍ର**



# ସର୍ଜନାରେ ପ୍ରବୀଣା : ପ୍ରବୀଣା ମହାନ୍ତି

ଓଡ଼ିଆ ଭାଷା ଓ ସାହିତ୍ୟ ଜଗତରେ ଜଣେ ସୁପରିଚିତ ବ୍ୟକ୍ତିତ୍ୱ ପ୍ରବୀଣା ମହାନ୍ତି, ଯିଏ କୁହନ୍ତି ଜନଜୀବନର କଥା ; ଯାହାଙ୍କ ଲେଖନୀରୁ ଝରିଆସେ ଅନୁଭବ ଓ ଅନୁଭୂତିର ଜୀବନ୍ତ କାହାଣୀ। ତାଙ୍କ ସର୍ଜନାର କ୍ଷେତ୍ର ଅତ୍ୟନ୍ତ ବ୍ୟାପକ ଓ ବିବିଧବର୍ଣ୍ଣା। ଗଳ୍ପ, ଉପନ୍ୟାସ, କବିତା, ଫିଚର୍, ପ୍ରବନ୍ଧ, ନାଟକ ଇତ୍ୟାଦି ସାହିତ୍ୟର ସମସ୍ତ ବିଭାଗରେ ସିଦ୍ଧହସ୍ତା କଥାକାର ଓ କବି ପ୍ରବୀଣା ମହାନ୍ତି। ବାପା ଶ୍ରୀ ପ୍ରାଣନାଥ ପଟ୍ଟନାୟକ ଏବଂ ବୋଉ ଶ୍ରୀମତୀ ପ୍ରଭାତୀ ପଟ୍ଟନାୟକ ; ଉଭୟ ଥିଲେ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ। ସେମାନେ ଫୁଲବାଣୀରେ ଥିବା ବେଳେ ପ୍ରବୀଣାଙ୍କର ଜନ୍ମ। ବାପା ବୋଉଙ୍କର ଚାକିରି ସୂତ୍ରରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ତାଙ୍କର ପିଲାଦିନ ଓ ପାଠପଢା ହୋଇଛି। ଏକାଦଶ ପରେ ବିଜେବି ମର୍ନିଂ କଲେଜ ଓ ପରେ ରାଜଧାନୀ କଲେଜରେ ପଢନ୍ତି। ଏଇ ପଢ଼ିବା ସମୟରେ ହିଁ ତାଙ୍କର ବିବାହ ହୁଏ। ତେବେ ସ୍ୱାମୀ ସୁରେନ୍ଦ୍ର ମହାନ୍ତିଙ୍କର ପ୍ରୋତ୍ସାହନ ଯୋଗୁ ସେ ବି.ଏ., ବି.ଇଡି.,ଏମ୍.ଏ., ପିଏଚ୍.ଡି. ଡିଗ୍ରୀ ହାସଲ କରିବା ସହିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଦୀର୍ଘ ଚଉତିରିଶ ବର୍ଷ ଶିକ୍ଷକତା କରିବା ପରେ ଅବସର ଗ୍ରହଣ କରିଛନ୍ତି। ଆଦ୍ୟ ଜୀବନର ଅଭୁଲା ସ୍ମୃତିକୁ ମନେପକାଇ ଲେଖିକା କୁହନ୍ତି, ‘‘ଆମ ଘରର ସାରସ୍ୱତ ପରିବେଶରେ ମୋ ଲେଖିକା ଜୀବନର ଅୟମାରମ୍ଭ ହୋଇଥିଲା। ବାପାବୋଉ ଦୁହେଁ ଥିଲେ ସାହିତ୍ୟପ୍ରେମୀ ମଣିଷ। ବଣମୁଲକ ଭିତରେ କିଛି ସାହିତ୍ୟାନୁରାଗୀ ଜ୍ଞାନୀ, ଗୁଣୀ ବ୍ୟକ୍ତିଙ୍କୁ ନେଇ ପ୍ରତିଷ୍ଠା ହୋଇଥିବା ଜାଗୃତି ସାହିତ୍ୟ ସଂସଦର ଦୁହେଁ ଥିଲେ ସକ୍ରିୟ ସଦସ୍ୟ। ସମୟେ ସମୟେ ସଂସଦର ବୈଠକ ଆମ ଘରେ ହୁଏ। ବିଜ୍ଞ, ପ୍ରାଜ୍ଞ କବି, ଲେଖକମାନଙ୍କୁ ଶୁଣେ। ଖୁବ୍ ଛୋଟ ଦିନୁ କେବେ କେମିତି ଅଧରାତିରେ ନିଦ ଭାଙ୍ଗିଗଲେ ଦେଖେ ମୋ ବୋଉ କ'ଣ ଗୋଟେ ଲେଖୁଛି। ମୁଁ ଭାବୁଥିଲି, ପ୍ରଧାନ ଶିକ୍ଷୟିତ୍ରୀ ବୋଉ ମୋର ସ୍କୁଲ କାମ କରୁଛି। ବହୁତ ପରେ ଜାଣିଲି ସେ ଗଳ୍ପ, ଉପନ୍ୟାସ ଲେଖୁଛି। ସେ ମୋର ପ୍ରଥମ ପ୍ରେରଣା। ଲେଖିକା ବୋଉଟିକୁ ଦେଖି ମୋ ମନରେ ଲେଖିକା ହେବାର ସ୍ୱପ୍ନଟି ଜାଗି ଉଠିଥିଲା। ମୋର ସୃଜନଶୀଳ ପ୍ରତିଭାକୁ ଚିହ୍ନିପାରିଥିଲେ ମୋ ବାପା, ବୋଉ। ଆମ ଘରକୁ ଝଙ୍କାର, ସୌରଭ, ନବଜୀବନ, ଜହ୍ନମାମୁ ଇତ୍ୟାଦି ଅନେକ ପତ୍ରପତ୍ରିକା ଆସୁଥିଲା। ବହି ପଢ଼ିବାର ନିଶା ମୋର ପ୍ରବଳ ଥିଲା। ମନର ଅକୁହା କଥା ସବୁ ନିରୋଳା ମୁହୂର୍ତ୍ତରେ ଡାଏରୀରେ ଲେଖି ଆନନ୍ଦ ପାଉଥିଲି ମୁଁ। ସ୍କୁଲ ପାଠ ପଢ଼ିବାଠାରୁ ମନର ଭାବନାକୁ କାଗଜରେ ଉତାରିବାର ନିଶା କାହିଁ କେତେ ଗୁଣରେ ଅଧିକ ଥିଲା। ସାଦା କାଗଜ ମୋତେ ଲେଖାମନସ୍କ କରି ଦେଉଥିଲା। ଅଷ୍ଟମ ଶ୍ରେଣୀରୁ ହିଁ ମତେ ଲେଖିକାର ମାନ୍ୟତା ମିଳିଥିଲା। ଏକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମୋ ଲେଖା ପୁରସ୍କୃତ ହେବା ପରେ ‘ନବଦିଗନ୍ତ’ ନାମକ ସଂକଳନରେ ଉଭୟ ଗଳ୍ପ ଓ କବିତା ପ୍ରକାଶ ପାଇଥିଲା। ପ୍ରଥମ ଥର ପାଇଁ ଛପା ଅକ୍ଷରରେ ନିଜ ଲେଖା ଦେଖିବାର ଖୁସି ଆଜି ବି ସ୍ମରଣୀୟ। ମାସିକ ସାହିତ୍ୟ ପତ୍ରିକା ସୌରଭରେ ପ୍ରଥମ କବିତା ପ୍ରକାଶିତ ହୋଇଥିଲା। ତାହା ପୁଣି ପ୍ରଦୀପା ପଟ୍ଟନାୟକ ନାଆଁରେ। କଥା









ହେଉଛି ପିଲାବେଳେ ଏହି ନାଆଁଟି ମତେ ବେଶ୍ ଆକର୍ଷିତ କରିଥିଲା। ତେଣୁ ପ୍ରବୀଣା ନାମଟିକୁ ବଦଳାଇ ପ୍ରଦୀପା କରିଦେବାକୁ ବାପା ବୋଉଙ୍କୁ କହିଥିଲି। ସେମାନେ କିନ୍ତୁ ନାମ ପରିବର୍ତ୍ତନ ସପକ୍ଷରେ ନ ଥିଲେ। ତେଣୁ ମୋ ଖୁସି ପାଇଁ ଅନେକ ଦିନ ପର୍ଯ୍ୟନ୍ତ ପ୍ରଦୀପା ପଟ୍ଟନାୟକ ନାମରେ ଲେଖୁଥିଲି। କଲେଜ ଜୀବନର ପ୍ରଥମ ବର୍ଷରେ ପ୍ରଜାତନ୍ତ୍ର ଖବରକାଗଜରେ ସମାଲୋଚନାତ୍ମକ ଫିଚର୍‌ଟିଏ ଲେଖି ବେଶ୍ ଚର୍ଚ୍ଚିତ ହୋଇଥିଲି। ଆଉ ତା'ପାଇଁ ପାଇଥିଲି ବିଷୁବ ପୁରସ୍କାର। ସେତେବେଳେ ମୋର ଅନେକ ଶୁଭେଚ୍ଛୁ, ପ୍ରିୟ ପାଠିକାପାଠକ ନିଜ ନାମରେ ଲେଖା ପ୍ରକାଶ କରିବାକୁ କହିଥିଲେ। ବିବାହ ପରେ ହିଁ ମୁଁ ମୋ ନିଜସ୍ୱ ନାମରେ ଲେଖିଲି। ସେ ସମୟରେ ପ୍ରକାଶିତ ହେଉଥିବା ପ୍ରତିଷ୍ଠିତ ପତ୍ରିକା ସୁଚରିତାରେ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା ମୋର ଉପନ୍ୟାସ, ଯାହାକୁ ବହୁ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହୁଥିଲେ ପାଠିକାପାଠିକମାନେ। ପରବର୍ତ୍ତୀ ସମୟରେ ସୁଧନ୍ୟା, ସାବିତ୍ରୀ, କଥା ଓ କାଦମ୍ବିନୀରେ ମୋର ଉପନ୍ୟାସ ଧାରାବାହିକ ଭାବରେ ପ୍ରକାଶିତ ହୋଇ ଅନେକ ପାଠକୀୟ ଶ୍ରଦ୍ଧା ହାସଲ କରିଛି।

ସ୍ୱାତୀ, ନୀଡ଼, ଏବେ ବି ସୁନ୍ଦର ଧରା, ଶ୍ୟାମଳ ସୁଗନ୍ଧ, ସ୍ତିମିତ ନକ୍ଷତ୍ର, ଶ୍ରେୟସୀ, ପୁନଶ୍ଚ ମୌସୁମୀ, ବିମ୍ବିତ ଅନୁରାଗ, ଅନ୍ୟା ଅନନ୍ୟା, ଜହ୍ନର ଠିକଣା, ଇତି ତୋର ଆତ୍ମଜା, ଦୁଃଖ ପାସୋରା ଝିଅ, ରାଗିଲେ ମୁଁ ତାରା ହୋଇଯିବି ଇତ୍ୟାଦି ଗଳ୍ପ, ଉପନ୍ୟାସର ରଚୟିତା ଶ୍ରୀମତୀ ମହାନ୍ତି କ୍ଷୁଦ୍ର ନାଟକ ସଙ୍କଳନ ରତ୍ନବର୍ଷା ଓ ଅନ୍ୟାନ୍ୟ ନାଟକ ଏବଂ ଫିଚର୍ ସଂକଳନ ପରିବେଶ ଓ ଶିଶୁର ବିକାଶ ପୁସ୍ତକ ପାଇଁ ଲୋକପ୍ରିୟତା ହାସଲ କରିଛନ୍ତି। ରେଡିଓ ଓ ଟେଲିଭିଜନରେ ତାଙ୍କର ଅନେକ ଗଳ୍ପ ପ୍ରସାରିତ ହୋଇଛି। ଦୀର୍ଘ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ସାହିତ୍ୟ କ୍ଷେତ୍ରରେ କାମ କରି ଆସୁଥିବା କଲମରେ ବେଶ୍ ଶକ୍ତିଶାଳୀ ଏହି ଲେଖିକାଙ୍କୁ ତାଙ୍କର ସାରସ୍ୱତ ସୃଷ୍ଟି ପାଇଁ ସୁଧନ୍ୟା ଗଳ୍ପ ପୁରସ୍କାର, କାଦମ୍ବିନୀ ଗଳ୍ପ ସମ୍ମାନ, ଅମୃତାୟନ ରଜତ ଜୟନ୍ତୀ ସାରସ୍ୱତ ସମ୍ବର୍ଦ୍ଧନା, ଓଡ଼ିଶା ଲେଖିକା ସଂସଦ ଉପନ୍ୟାସ ପୁରସ୍କାର, କେଦାରନାଥ ଗବେଷଣା ପରିଷଦ ଉପନ୍ୟାସ ସମ୍ମାନ, ଏକାମ୍ର ପୁସ୍ତକ ମେଳା ସାରସ୍ୱତ ସମ୍ମାନ, ଏହିଭଳି ଅନେକ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି ।

– **ପ୍ରିୟମ୍ବଦା ରଥ**
*–ଆର୍ କେ ପୁରମ୍, ସେକ୍ଟର ୪, ନିଉଦିଲ୍ଲୀ*
*ମୋ:+୯୧ ୧୧୩୫୭୦୫୮୫୬*





# ହାଇ ହିଲ୍

**– ସଂଗ୍ରାମ କେଶରୀ ସେନାପତି**

ମିଶ୍ର ବାବୁଙ୍କର ଅଲିଅଳି ଝିଅ ବନ୍ୟା । ପିଲାଟି ଦିନରୁ ହସଖୁସିଆ ସ୍ୱଭାବର । ସବୁଥିରେ ତା'ର ଭଲ, କେବଳ ଗୋଟିଏ ଜିନିଷକୁ ଛାଡ଼ିଦେଲେ ; ଯେତେ ବନ୍‌ଭିଟା ପିଇଲେ ବି ମନଲାଖି ଉଚ୍ଚତା ପାଇପାରିଲାନି ସେ । ପିଲାଦିନରୁ ଉଚ୍ଚତାକୁ ନେଇ ମନଊଣା ଥିବାରୁ ନିଜକୁ ଡେଙ୍ଗା ଦେଖାଇବାକୁ ହାଇ ହିଲ୍ ପିନ୍ଧିବାକୁ ଭାରି ମନ ହୁଏ ତା'ର । କିନ୍ତୁ ଏମିତି ହାଇ ହିଲ୍ ପିନ୍ଧିଲେ ଗୋଡ଼ ତଥା ଶରୀର ଉପରେ ଖରାପ ପ୍ରଭାବ ପଡ଼ିବ ବୋଲି ତାଗିଦ୍ କରନ୍ତି ମିଶ୍ର ବାବୁ ।

କଲେଜ ପଢ଼ିବାବେଳେ କେବେ କେମିତି ଫଙ୍କସନ୍‌ରେ ସେ ରୁମ୍‌ମେଟ୍‌ର ହିଲ୍ ପିନ୍ଧେ ଆଉ ସେଦିନ ସବୁଠାରୁ ବେଶି ଖୁସି ଲାଗେ ସିଏ । ଏମିତି ଭିତରେ ପାଠପଢ଼ା ସରିଗଲା ଆଉ ସ୍ନାତକୋତ୍ତର ସାରିବା ପରେ ମାତ୍ର କେଇଟା ଦିନ ଘରେ ରହିଛି କି ନାହିଁ, ବାହାଘର ପାଇଁ ଭଲ ପ୍ରସ୍ତାବଟିଏ ଆସିଲା ଆଉ ସଭିଙ୍କ ହଁରେ ସେ ବି ହଁ ଭରିଲା । ଅବଶ୍ୟ ପିଲାଟିର ଉଚ୍ଚତା ଟିକେ ଅଧିକ ଥିଲା ଆଉ ବନ୍ୟାକୁ ଯେମିତି ପସନ୍ଦ ଥିଲା ସେମିତି ପୁଅଟିଏ ହିଁ ମିଳିଥିଲା, ହେଲେ ଏକାସାଙ୍ଗରେ ଛିଡ଼ାହେଲେ ତା'ର ଉଚ୍ଚତା କମ୍ ଲାଗିବ ବୋଲି ଟିକେ ମନଦୁଃଖ କରୁଥିଲା ସେ ।

ଯାହା ଯେମିତି ହେଉ ବାହାଘର ସରିଗଲା ଆଉ ଯେତେବେଳେ ସେ ରିସେପ୍ସନ୍‌ର ଫଟୋ ଦେଖିଲା, ବଡ଼ ମନଦୁଃଖ ହେଲା ତା'ର । ସ୍ୱାମୀଙ୍କ ସହିତ ଫଟୋଗୁଡ଼ାରେ ବହୁତ ସାନ ଲାଗୁଥିଲା ସେ । ସେଇଥିପାଇଁ ଫଟୋ ଫ୍ରେମ ପାଇଁ ଫଟୋ ବାଛିବାବେଳେ ସେ ଛିଡ଼ା ହୋଇଥିବା ଫଟୋଗୁଡ଼ିକୁ ବାଦ୍ ଦେଇଥିଲା । ଫଟୋ ଫ୍ରେମ ହୋଇ ଆସିଲାବେଳେ ସ୍ୱାମୀ ପଚାରିଥିଲେ ସେହି କଥା । ଷ୍ଟାଣ୍ଡିଂ ପୋଜିସନ୍‌ରେ ଆମ ଫଟୋ କ'ଣ କିଛି ନାହିଁ ? ପଚାରିଥିଲେ ସ୍ୱାମୀ । କହୁ କହୁ ଉଚ୍ଚତାକୁ ନେଇ ତା' ଭିତରେ ଥିବା ଦୁଃଖଟିକୁ ସେ କହି ପକେଇଥିଲା ସଙ୍କୋଚରେ । ସେହିଦିନ ଅଫିସ ଫେରନ୍ତା ସ୍ୱାମୀ ସୁନ୍ଦର ଜରିରେ ଗୁଡା ହୋଇଥିବା ପ୍ୟାକେଟ୍‌ଟେ ଧରେଇ ଦେଲେ ହାତରେ । କହିଲେ, ଆଜି ବିବାହର ମାସ ପୁରୁଛି। ମନ୍ଦିର ହୋଇ ରେଷ୍ଟୁରାଣ୍ଟ ଯିବା । ଶୀଘ୍ର ପ୍ରସ୍ତୁତ ହୋଇଯାଅ । ପ୍ୟାକେଟ୍ ଖୋଲି ବନ୍ୟା ଦେଖିଲା ସୁନ୍ଦର କାମ ହୋଇଥିବା ହିଲ୍ ଚପଲ ହଳେ । ଆଖି ତା'ର ଛଳ ଛଳ ହୋଇଗଲା କୃତଜ୍ଞତାର ଖୁସିରେ । ଚପଲ ହଳକ ଗୋଡ଼ରେ ଗଳେଇ ସ୍ୱାମୀଙ୍କ ଆଗରେ ଚାଲୁଥିଲାବେଳେ ତାକୁ ଲାଗୁଥିଲା ସେ ଯେମିତି କୌଣସି ସୋ-ଷ୍ଟପ୍ପର । ସବୁ ଦର୍ଶକଙ୍କ ପ୍ରଶଂସା ଭର୍ତ୍ତି ଆଖି ଯେମିତି ଲାଖି ରହିଛି ତା' ଉଚ୍ଚତା ଓ ସୁନ୍ଦର ଚାଲି ପାଖରେ ।

*–ନିଳୋକ, ବନ୍ତ, ଭଦ୍ରକ*
*ମୋ: ୭୦୦୮୮୯୯୬୪୩*



# ତିନୋଟି ଏକପଦୀ

**–ଲିଙ୍ଗରାଜ ରଥ**

**ସୁଖର ଢେଉ**

***

ଜୀବନ ବେଳାରେ ସୁଖର ଢେଉଟି
ସଦା ଆସେ ନାହିଁ ଫେରି
ହରଷ କାଳର ମଧୁର ସ୍ମୃତିଟି
ସଦା ପଡେ ମନେ ଝରି ।

**କରୁଣା**

**

କରୁଣାର ଭାଷା, କରୁଣାର ଭୂଷା
ମନରେ ପୁଲକ ଭରେ,
ଚେହେରା ଯାହା ବି ହୋଇଥାଉ
ହେଲେ ସୁନ୍ଦରତମ କରେ ।

**ବାଟ**

**

ବାଟ ଥିଲେ ଥାଉ ..ନଚାଲିଲ ଯଦି
ସେ 'ବାଟ'ର ନାହିଁ ମୂଲ
ବାଟ ନଥିଲେ ବି ଖୋଲିଯାଏ ବାଟ
ବାରବାର ଯଦି ଚାଲ ।

*–ରଂଗବଜାର, ଭୁବନେଶ୍ୱର*
*ମୋ: ୯୪୩୭୦୧୪୨୪୪*

# ବିଦାୟୀ ବସନ୍ତ

**–ଜ୍ୟୋତ୍ସ୍ନାରାଣୀ ପଣ୍ଡା**

ତୁମେ ବିଦର୍ଭ ବାଟରେ ବିମୁଗ୍ଧ ବସନ୍ତ
ମୁଁ ମନୋରମ ମଣିଭଦ୍ରା
ତୁମେ ମଧୁ ମଳୟର ମୁକ୍ତ ବାତାୟନ
ମୁଁ ସ୍ୱପ୍ନ ଭିଜା ସୁଖ ନିଦ୍ରା ॥

ତୁମେ ବିଦାୟ ବେଳାର ବାଚାଳ ବସନ୍ତ
ମୁଁ ମତୁଆଲୀ ମଧୁବାଳା
ତୁମେ ମଳୟ ମେଳଣେ ବିଞ୍ଚୁଥାଅ ବାସ୍ନା
ମୁଁ ପ୍ରୀତି ଢାଳେ ପୁଳାପୁଳା ॥

ତୁମେ ବାହୁଡ଼ା ବେଦୀରେ ବିଭଙ୍ଗ ବସନ୍ତ
ମୁଁ ମନୋଇ ମଉନାବତୀ
ତୁମେ ମଉଳା ମଳୟେ ଅଳସ ଭାଙ୍ଗୁଛ
ମୁଁ ଝୁରି ମରେ ମଧୁମତୀ ॥

*– ଲକ୍ଷ୍ମୀ ନାରାୟଣ ପୁର,*
*ଗୁଡ଼ିଆ ପୋଖରୀ ଛକ , ଭୁବନେଶ୍ୱର,*
*ମୋ: ୯୮୬୧୧ ୪୩୯୪୯*





ପ୍ରିୟଙ୍କା

# ଇମୋଶନାଲ ପ୍ରିୟଙ୍କା

ଦିନ ଥିଲା ପ୍ରିୟଙ୍କା ଚୋପ୍ରା ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବରେ ପରିଗଣିତ ହେଉଥିଲେ। ହେଲେ ସେ ହଲିଉଡ୍‌ରେ ସୁଯୋଗ ପାଇବା ପରେ ତାଙ୍କୁ ଆଉ ହିନ୍ଦୀ ସିନେମାରେ ଦେଖିବାକୁ ମିଳି ନ ଥିଲା। ହଲିଉଡ୍ ଗାୟକ ନିକ୍ ଜୋନାସ୍‌ଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ଏବେ ସେ ହଲିଉଡ୍‌ରେ ବ୍ୟସ୍ତ ଅଛନ୍ତି। ନିକଟରେ ନିଜ କ୍ୟାରିୟର ସମ୍ପର୍କରେ ସୂଚନା ଦେଉଦେଉ ଇମୋଶନାଲ ହୋଇପଡ଼ିଥିଲେ ପ୍ରିୟଙ୍କା। ହେଲେ କ'ଣ ପାଇଁ ସେ ହଠାତ୍ ଏମିତି ଭାବପ୍ରବଣ ହୋଇପଡ଼ିଲେ ଜାଣିବେନି ? ଏ ନେଇ ପ୍ରିୟଙ୍କା କହନ୍ତି, 'ଗତ କିଛି ବର୍ଷ ହେବ ମୁଁ ହିନ୍ଦୀ ସିନେମାଠାରୁ ଦୂରେଇ ଯାଇଛି। କାରଣ ଯେଉଁ କେତୋଟି ହଲିଉଡ୍ ପ୍ରୋଜେକ୍ଟ ମୋତେ ମିଳିଥିଲା ତାକୁ ତ ଶେଷ କରିବାକୁ ପଡ଼ିବ। କିନ୍ତୁ ବଲିଉଡ୍‌କୁ ମୁଁ କ'ଣ କେବେ ଭୁଲି ପାରିବି? ଏହା ମୋତେ ନେମ୍ ଫେମ୍ ସବୁକିଛି ଦେଇଛି। ଅବଶ୍ୟ ଏଇ କିଛି ବର୍ଷ ଭିତରେ ମୋତେ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା, କିନ୍ତୁ ସମୟ ଅଭାବରୁ ସେଗୁଡ଼ିକୁ ହାତଛଡ଼ା କରିଥିଲି। ଏବେ ଫରହାନ୍ ଅଖତରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଜି ଲେ ଜରା'ରେ ଅଭିନୟ କରୁଛି। ଏହି ସିନେମାଟିକୁ ଦର୍ଶକ ଗ୍ରହଣ କରିବେ ବୋଲି ମଧ୍ୟ ଆଶା ରଖିଛି।' ଏଥିରେ ପ୍ରିୟଙ୍କାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ବର୍ଷ ପରଦା ଉପରକୁ ଆସିବାର ଯୋଜନା ରହିଛି।

# ବିଜେତାରୁ ଆରମ୍ଭ

ତେଲୁଗୁ ସୁପରଷ୍ଟାର ଆଲ୍ଲୁ ଅର୍ଜୁନ। ସେ ଯେତେବେଳେ କ୍ୟାମେରା ସାମନା କରିଥିଲେ ସେତେବେଳେ ତାଙ୍କର ବୟସ କେତେ ଥିଲା ଜାଣନ୍ତି? ମାତ୍ର ତିନି ବର୍ଷ। ୧୯୮୫ରେ ରିଲିଜ ହୋଇଥିବା ତେଲୁଗୁ ଫିଲ୍ମ 'ବିଜେତା'ରେ ସେ ଜଣେ ଶିଶୁ କଳାକାର ଭୂମିକାରେ ଅଭିନୟ କରିଥିଲେ। ଏହାର ୧୮ ବର୍ଷ ପରେ ଆଲ୍ଲୁ ସିନେମାରେ ନାୟକ ସାଜିଥିଲେ। ଫିଲ୍ମଟି ଥିଲା 'ଗଙ୍ଗୋତ୍ରୀ'। ଆଉ ତା'ପରେ ସେ ଚଢ଼ି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ। ସେ ବ୍ୟବହାର କରୁଥିବା ବିଳାଶପୂର୍ଣ୍ଣ ଭ୍ୟାନିଟି ଭ୍ୟାନ୍‌ର ମୂଲ୍ୟ ହେଉଛି ପାଖାପାଖି ୭କୋଟି। ସେ କେବଳ ଜଣେ ଅଭିନେତା ନୁହନ୍ତି, ଜଣେ ଗାୟକ ମଧ୍ୟ। କେତୋଟି ସିନେମା ପାଇଁ ସେ ଗୀତ ଗାଇ ସାରିଛନ୍ତି। ଆଲ୍ଲୁ ହେଉଛନ୍ତି ଏମିତି ଜଣେ ଅଭିନେତା ଯାହାଙ୍କର ପ୍ରତିଟି ଫିଲ୍ମକୁ ମାଲାୟାଲାମ ଭାଷାରେ ଡବିଂ କରାଯାଇଛି। ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ ଗୋଟିଏ କଥା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ଯଦି ସେ ଅଭିନୟରେ ଅସଫଳ ହୁଅନ୍ତି ତେବେ କ'ଣ କରିବେ ? ଏହାର ବିକଳ୍ପ ମଧ୍ୟ ସେ ଭାବି ସାରିଥିଲେ। ତେଣୁ ସେ ସେହି ସମୟରେ ଆକ୍ଟିଂ କରିବା ସହ ଆନିମେଶନ କୋର୍ସ ମଧ୍ୟ କରିଥିଲେ। ଫଟୋଗ୍ରାଫି ହେଉଛି ତାଙ୍କର ଆଉ ଏକ ହବି। ୨୦୦୪ରେ ମୁକ୍ତିଲାଭ କରିଥିବା ସୁପରହିଟ୍ ଫିଲ୍ମ 'ଆର୍ଯ୍ୟା'ର ନାୟକ ଥିଲେ ଆଲ୍ଲୁ। କିନ୍ତୁ ତାଙ୍କ ପୂର୍ବରୁ ଏହି ଭୂମିକା ପାଇଁ ରବି ତେଜାଙ୍କୁ ଯୋଗାଯୋଗ କରିଥିଲେ ଏହାର ନିର୍ଦ୍ଦେଶକ ସୁକୁମାର। କିନ୍ତୁ ସେ ମନା କରିବାକୁ ବାଜି ମାରି ନେଇଥିଲେ ଆଲ୍ଲୁ।



ଆଲ୍ଲୁ ଅର୍ଜୁନ



ମୃଣାଳ

# ପାରିକରିବେ ଭୋଳାଶଙ୍କର ୨

ଜୀ-ସାର୍ଥକ ବ୍ୟାନରରେ ପ୍ରସ୍ତୁତ ଆଉ ଏକ ଭିନ୍ନ ଧରଣର ଓଡ଼ିଆ ସିନେମା 'ପାରିକରିବେ ଭୋଳାଶଙ୍କର ୨' ଚଳିତ ମାସ ୯ ତାରିଖ ଅର୍ଥାତ ଆଜି ପ୍ରସାରିତ ହେବ। ଅନ୍ୟତମ ଦର୍ଶକାଦୃତ ଚ୍ୟାନେଲ ଜୀ ସାର୍ଥକରେ ଏହାକୁ ସନ୍ଧ୍ୟା ୬.୩୦ରେ ଦେଖିବାକୁ ପାଇବେ। କାହାଣୀ ଅନୁସାରେ ଡାକ୍ତର ପ୍ରଭାକର ସଞ୍ଜିବନୀ ତିଆରି କରିଛନ୍ତି ଏମିତି ଏକ ଫର୍ମୁଲା ଯାହା ଯେକୌଣସି ବିଷକୁ କାଟି ପାରିବ। କିନ୍ତୁ ସେହି ଫର୍ମୁଲାକୁ ମନ୍ଦ ଉଦ୍ଦେଶ୍ୟ ରଖିଥିବା ଡାକ୍ତର ରୟଙ୍କ ପାଖରୁ ବଞ୍ଚାଇବାକୁ ଯାଇ ହଜାଇ ଦେଇଛନ୍ତି ନିଜ ପୁଅକୁ। କିନ୍ତୁ ଭୋଳାଶଙ୍କରଙ୍କ ଆଶୀର୍ବାଦରୁ କାଳକ୍ରମେ ସେହି ପୁଅ ବଡ ହେଇଛି। ପୁଅଟିର ନାଁ ହେଉଛି ଶଙ୍କର ଏବଂ ତା ପାଖରେ ଅଛି ଚମତ୍କାର ଶକ୍ତି, ଯାହାକୁ ସେ କେବଳ ଲୋକଙ୍କ ଭଲ ପାଇଁ ବ୍ୟବହାର କରିଛି। ହେଲେ ତାର ଚମତ୍କାର ଶକ୍ତି କଥା ଡାକ୍ତର ରୟଙ୍କ କାନରେ ପଡିଛି। ଆଉ ସେ ବିଳମ୍ବ ନ କରି ଶଙ୍କର କିଏ ଏବଂ ତା'ର ଚମତ୍କାର ଶକ୍ତି ବିଷୟରେ ଜାଣିବାକୁ ସେ ଲାଗି ପଡିଛନ୍ତି। ତେବେ ସେ ଏଥିରେ ସଫଳ ହେଉଛନ୍ତି ତ ? ପୁଣି ଡାକ୍ତର ପ୍ରଭାକର କ'ଣ ନିଜ ପୁଅକୁ ଫେରିପାଉଛନ୍ତି ? ଏସବୁର ଉତ୍ତର ଏହି ସିନେମାରେ ରହିଛି। ଏହାର କାହାଣୀ ରଚନା କରିଛନ୍ତି ପ୍ରିୟବ୍ରତ। ଏଥିରେ ଲିପିକା ସେନାପତି ଅପର୍ଣ୍ଣା ଚରିତ୍ରରେ ଅଭିନୟ କରୁଥିବାବେଳେ କାହାଣୀର ନାୟକ ସାଜିଛନ୍ତି ରାକେଶ ଦେଓ। ଅନ୍ୟପକ୍ଷରେ ପ୍ରଦ୍ୟୁମ୍ନ ଲେଙ୍କା ଏବଂ ସୋମୁଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ମୃତ୍ୟୁଞ୍ଜୟ ସାହୁ ଓ ସୁନିଲ କୁମାର ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ(ବାପି)। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ପ୍ରଶାନ୍ତ ପାଢ଼ୀ। ଫିଲ୍ମର କାହାଣୀଟି ଯେତିକି ଉତ୍ସାହରେ ଭରି ରହିଛି, ସେତିକି ଉତ୍କଣ୍ଠାପୂର୍ଣ୍ଣ ମଧ୍ୟ। ଦର୍ଶକଙ୍କୁ ଏହି କାହାଣୀ ନିଶ୍ଚୟ ଛୁଇଁବ ବୋଲି ଆଶା ରଖିଛନ୍ତି ଜୀ ସାର୍ଥକ ଚ୍ୟାନେଲର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍।



ଲିପିକା-ରାକେଶ

# ମିଳିଗଲେ ଗୁରୁ



ଭୂମି

ଭୂମି ପେଦନେକର ଜଣେ ଗୁରୁ ସନ୍ଧାନରେ ବ୍ୟସ୍ତ ଥିଲେ, ଯାହା ତାଙ୍କୁ ନିକଟରେ ମିଳିଯାଇଛି। ହେଲେ ସେ କେଉଁ ପ୍ରକାର ଗୁରୁ ଖୋଜୁଥିଲେ ଜାଣନ୍ତି? ଭୂମି ଜଣେ ଯୋଗ ଗୁରୁ ସନ୍ଧାନରେ ବ୍ୟସ୍ତ ଥିଲେ। ଆଉ ଏହି ଯୋଗ ଗୁରୁ ଯେ ତାଙ୍କର ହାତ ପାଆନ୍ତାରେ ଅଛନ୍ତି ତାହା ସେ ଜାଣି ନ ଥିଲେ। ସେ କିଏ ଜାଣନ୍ତି କରୀନା କପୁର। ଥରେ ଯୋଗ ବିଷୟରେ ତାଙ୍କ ସହ ଭୂମି ଆଲୋଚନା କରୁଥିଲେ। ସେହି ସମୟରେ କରୀନା ନିମିଷକ ମଧ୍ୟରେ ତାଙ୍କର ଏହି ସମସ୍ୟାର ସମାଧାନ କରିଦେଇଥିଲେ। ଅର୍ଥାତ୍, ଭୂମିଙ୍କ ଯୋଗ ଗୁରୁ ସାଜିବାକୁ ସେ ନିଜପଟରୁ ପ୍ରସ୍ତାବ ଦେଇଥିଲେ। ଆଉ ଏଭଳି ଏକ ସୁଯୋଗ ପାଇ ସେ ଖୁସିରେ ଉଛୁଳି ଉଠିଥିଲେ। ଏ ନେଇ ସେ କହନ୍ତି, 'ମୁଁ ଯେତେବେଳେ କରୀନାଙ୍କୁ ଏ ନେଇ କହିଲି ସେ ମୋ କଥା ଶୁଣି ପ୍ରଥମେ କିଛି ସମୟ ନୀରବ ରହିଥିଲେ। ତା'ପରେ ମୁରୁକି ହସି କହିଥିଲେ, ଯଦି ତୁମେ ରାଜି ହେବ ତେବେ ମୁଁ ତୁମର ଯୋଗ ଗୁରୁ ହେବି। ଆଉ ତାଙ୍କ ପ୍ରସ୍ତାବକୁ ମୁଁ ବିଳମ୍ବ ନ କରି ଗ୍ରହଣ କରିଥିଲି।' ହେଲେ ଏଣିକି ଭୂମି ଯୋଗରେ କେତେ ଏକ୍ସପର୍ଟ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# କେବଳ ଅନୁତାପ

କଥାରେ ଅଛି ବୋହି ଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରି ଆସେନା। ସେମିତି କିଛି ଘଟିଛି ମୃଣାଳ ଠାକୁରଙ୍କ କ୍ଷେତ୍ରରେ। ନିକଟରେ ତାଙ୍କୁ ଏକ ନୂଆ ବ୍ୟାନରରେ ଏକାଥରେ ତିନୋଟି ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ଏଭଳି ଅଫରକୁ ସେ ହାତଛଡ଼ା କରିଥିଲେ। କାରଣ ପୂର୍ବରୁ ସେ ଯେଉଁ କେତୋଟି ଫିଲ୍ମ ସାଇନ୍ କରିଥିଲେ ସେଗୁଡିକ ପାଇଁ ଡେଟ୍ ଦେଇସାରିଥିଲେ। ଡେଟ୍ ପ୍ରୋବ୍ଲେମ ପାଇଁ ମୃଣାଳ ଏଭଳି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିବାକୁ ବାଧ୍ୟ ହୋଇଥିଲେ। ଏ ନେଇ ସେ କହନ୍ତି, 'ଯେତେବେଳେ ମୋତେ ଏକାଥରେ ତିନୋଟି ସିନେମାରେ ଅଭିନୟ କରିବାକୁ ଅଫର ମିଳିଲା ମୁଁ ଖୁସି ହୋଇଯାଇଥିଲି। ମୋତେ ସୂଚନା ଦିଆଗଲା ଯେ ଏଗୁଡିକର ଶୁଟିଂ ପଛକୁ ପଛ ହେବ, ସେତେବେଳେ ମୋ ଅକଲ ଗୁଡୁମ ହୋଇଯାଇଥିଲା। କାରଣ ଏଥିଲାଗି ମୋ ହାତରେ ଡେଟ୍ ନ ଥିଲା। ତେଣୁ ସେଭଳି ଅଫରଗୁଡିକୁ ମନା କରିବା ବ୍ୟତୀତ ମୋ ପାଖରେ ଆଉ କିଛି ଉପାୟ ନ ଥିଲା। ଏ ନେଇ ଏବେ ସିନା ଅନୁତାପ କରୁଛି, ହେଲେ କିଛି ଲାଭ ନାହିଁ।'

# ପାପା ଥିଲେ ମୋ ମେଣ୍ଟର

ସୈଫ ତନୟା ସାରା ଅଲ୍ଲୀ ଖାଁ ଏବେ ଜଣଙ୍କର ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। ସେ କିଏ ଜାଣନ୍ତି ? ସେ ହେଉଛନ୍ତି ତାଙ୍କର ପାପା ସୈଫ ଅଲ୍ଲୀ ଖାଁ। ଆଜି ସେ ଅଭିନୟ କ୍ଷେତ୍ରରେ ଯେଉଁ ସ୍ଥାନରେ ପହଞ୍ଚିଛନ୍ତି ସେଥିପାଇଁ ସୈଫଙ୍କ ଭୂମିକାକୁ ପ୍ରାଥମିକତା ଦିଅନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ସାରା କୁହନ୍ତି, 'ଯେତେବେଳେ ମୁଁ ଆକ୍ଟିଂକୁ କ୍ୟାରିୟର କରିବାକୁ ମନସ୍ଥ କଲି ସେତେବେଳେ ଏ ନେଇ ପାପାଙ୍କ ସହ ବିଷଦ ଭାବରେ ଆଲୋଚନା କରିଥିଲି। ପ୍ରଥମେ ସେ ଏ ନେଇ ଟିକେ ପଛଘୁଞ୍ଚା ଦେଇଥିଲେ। ହେଲେ ତା'ପରେ ସେ ନିଜର ମତ ବଦଳାଇ ମୋତେ ସପୋର୍ଟ କରିଥିଲେ। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ ମୋ ମେଣ୍ଟର ଥିଲେ। କୌଣସି ଅଫର ମିଳିଲେ ମୁଁ ତାଙ୍କ ସହ ଭଲ ଭାବରେ ଆଲୋଚନା କରିଥାଏ। ତା'ପରେ ଯାହା ନିଷ୍ପତ୍ତି ନିଏ।' ସାରାଙ୍କ ପ୍ରଥମ ସିନେମା ଥିଲା 'କେଦାରନାଥ' (୨୦୧୮)। ଏହାପରେ ସେ 'ସିମ୍ବା', 'ଲଭ୍ ଆଜ୍ କଲ୍', 'କୁଲି ନଂ ୱାନ', 'ଅତରଙ୍ଗୀ ରେ' ଏବଂ 'ଗ୍ୟାସ୍‌ଲାଇଟ୍'ରେ ଅଭିନୟ କରିସାରିଛନ୍ତି। ଅନ୍ୟପକ୍ଷରେ ସାରା ଆକ୍ଟିଂ କରିଥିବା କେତୋଟି ପ୍ରୋଜେକ୍ଟ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି।



ସାରା

# ରୋଜଗାର ଟଙ୍କାରେ ନିଜ ପଢ଼ାଖର୍ଚ୍ଚ ତୁଲାଉଥିଲି

## ପ୍ରଥମ ରୋଜଗାର



କବି ତଥା ଶିକ୍ଷାବିତ୍ ମୀନକେତନ ପଶାୟତ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପ୍ରଥମ ରୋଜଗାରର ପୁଲକ କଥା ଚିନ୍ତା କଲାବେଳେ, ନିଶ୍ଚିତ ଭାବରେ ମଣିଷ ଏକ ଆର୍ଥ-ସାମାଜିକ ପରିବେଶ ଭିତରକୁ ଟାଣି ହୋଇଯାଏ । ପରିବାର, ସମାଜ ଓ ଅର୍ଥର ଓତପ୍ରୋତ ଜଡ଼ିତ ଦୃଶ୍ୟାବଳୀରେ ସେ ଖୋଜେ ନିଜର ଜିଜୀବିଷା । ପ୍ରାୟତଃ ପ୍ରତ୍ୟେକଙ୍କ ଜୀବନରେ ଏହା ହିଁ ଘଟି ଥାଏ । ମୋ ଜୀବନରେ ବି ପ୍ରଥମ ରୋଜଗାର କଥା ମନେ ପକାଇଲାବେଳେ ଆଖିଆଗରେ ଉଜାଗର ହୋଇଉଠେ ଏକାବନ ବର୍ଷ ତଳର ସ୍ମୃତି ; ଯେତେବେଳେ ମୁଁ ଥାଏ ମାତ୍ର ଷୋହଳ ବର୍ଷର କିଶୋର । ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ ନାଁ ଲେଖାଇଥାଏ । କିନ୍ତୁ ଆବଶ୍ୟକ ପଢ଼ା ସାମଗ୍ରୀ କିଣିବାକୁ ଘରର ଦୁର୍ବଳ ଆର୍ଥିକାବସ୍ଥା ବାଧା ଦେଉଥାଏ । ମା' ଛେଉଣ୍ଡ ଆମ ସାତ ଭାଇଭଉଣୀଙ୍କୁ ମଣିଷ କରିବାକୁ ବାପା କରୁଥିବା କଷ୍ଟକୁ ଆଉ ସହି ହେଉ ନ ଥାଏ । ତେଣୁ ନିଜ ପଢ଼ା ଖର୍ଚ୍ଚ ତୁଲାଇବାକୁ ମୁଁ ୪ଟି ପିଲାଙ୍କୁ ଟ୍ୟୁଶନ କରିବାକୁ ଆରମ୍ଭ କରେ । ଜଣକୁ ପାଞ୍ଚ ଟଙ୍କା କରି ମାସ ଶେଷକୁ କୋଡ଼ିଏ ଟଙ୍କା ପାଏ । ଆଉ ସେହି ଟଙ୍କାରେ କେତେବେଳେ କାଗଜ ଦିସ୍ତାଏ ହେଉ କି କଲମ ଖଣ୍ଡେ, କି କମ୍ ଦାମ୍‌ର ପୁସ୍ତକଟିଏ କିଣି ମୋର ପଢ଼ାଖର୍ଚ୍ଚ ଯେନତେନ ତୁଲାଇଥାଏ । ବାପାଙ୍କୁ ମଧ୍ୟ ମୋ ପାଇଁ ବ୍ୟସ୍ତ ନ ହେବାକୁ ବେଳେବେଳେ ବିନମ୍ର ଅନୁନୟ କରେ ; ଯାହାକୁ ଶୁଣି ବାପା ଉପରେ ହସିବାର ଅଭିନୟ କରୁଥିଲେ ହେଁ ତାଙ୍କ ଆଖି କୋଣରେ ଜକେଇ ଆସୁଥିବା ଲୁହ କିନ୍ତୁ ସ୍ପଷ୍ଟ ବାରି ହୋଇଯାଉଥାଏ । ସେହି ପୂଜ୍ୟ ବାପାଙ୍କ ଆଶୀର୍ବାଦରୁ ପରବର୍ତ୍ତୀ ସମୟରେ କେମେଷ୍ଟ୍ରି ଅନର୍ସରେ ବି.ଏସ୍‌ସି. ପାସ୍ କରିବା ସହ ଇତିହାସରେ ଏମ୍.ଏ. ଓ ଏଲ୍.ଏଲ୍‌ବି ପଢ଼ିବାରେ ସକ୍ଷମ ହେବା ସହିତ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ରାଉରକେଲାରେ ସହକାରୀ ଶିକ୍ଷକ ଭାବେ କାମ କରିବାର ସୁଯୋଗ ପାଏ । ୩ବର୍ଷ ସେଠାରେ କାମ କରିବା ପରେ ରାଉରକେଲା ମ୍ୟୁନିସିପାଲ୍ କଲେଜର କେମେଷ୍ଟ୍ରି ବିଭାଗରେ ସିନିୟର୍ ଡେମୋନ୍‌ଷ୍ଟ୍ରେଟର୍ ଭାବେ ପ୍ରାୟ ୩୬ ବର୍ଷ କାମ କରି ଶେଷରେ ୨୦୧୫ରେ ଚାକିରିରୁ ଅବସର ନିଏ । ତା'ପରେ ପ୍ରାୟ ୫ ବର୍ଷ ରାଉରକେଲା ଶ୍ରୀ ଅରବିନ୍ଦ ସ୍କୁଲ୍‌ରେ ଅତିଥି ଶିକ୍ଷକ ଭାବେ ମଧ୍ୟ କାର୍ଯ୍ୟ କରେ । କେବଳ ଶିକ୍ଷକତା ନୁହେଁ କବିତା ଲେଖିବାରେ ବି ମୋର ଥାଏ ଖୁବ୍ ରୁଚି । ମୋର ଅନେକ କବିତା ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ପ୍ରଶଂସା ବି ପାଏ । ଧୀରେ ଧୀରେ ମୋର ପରିଚିତି ବଢ଼େ । ରାଉରକେଲା ତଥା ଓଡ଼ିଶାର ଏକ ପୁରାତନ ସାହିତ୍ୟ ଅନୁଷ୍ଠାନ କୁହାଯାଉଥିବା କଲ୍‌ଚରାଲ୍ ଏକାଡେମିର ମଧ୍ୟ ମୁଁ ଆଜୀବନ ସଦସ୍ୟ ହୁଏ । ତେବେ ଜୀବନରେ ମିଳିଥିବା ଏହିସବୁ ଖ୍ୟାତି ଆଉ ଯଶ କୀର୍ତ୍ତି ଆଗରେ କିନ୍ତୁ ସେଦିନର ସେହି ସ୍ୱଳ୍ପ ରୋଜଗାରର ମୂଲ୍ୟ ଢେର୍ ଅଧିକ ଲାଗେ ।

---

ସାଥୀ

# ମନକୁ ମିଳିଲେ ମନର ସାଥୀ, ଜାଣି ହୁଏ ନାହିଁ ଦିନ କି ରାତି



**ପ୍ରଶ୍ନ–** ପ୍ରେମର ସୃଷ୍ଟି କେମିତି ହୁଏ ? ଆଉ ପ୍ରକୃତରେ ପ୍ରେମ କିପରି ଆରମ୍ଭ ହୁଏ ତାହା କହିବେ କି ସାଥୀ ?

*–ଦିନେଶ ସାହୁ, ବଡବିଲ*

**ଉତ୍ତର:** ପ୍ରେମର ଆରମ୍ଭକୁ ନେଇ ଯଦି ଆଲୋଚନା ଆରମ୍ଭ ହୁଏ, ତାହା କ'ଣ ସହଜରେ ଶେଷ ହେବ ? ସେହି ରଙ୍ଗୀନ କଥାର ପରିସର ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ । ହେଲେ ପ୍ରେମ କରିବା ପୂର୍ବରୁ ପ୍ରଥମେ ନିଜ ମନକୁ ଶରତ ଆକାଶ ପରି ନିର୍ମଳ ରଖନ୍ତୁ । ମନ ଇଚ୍ଛା ଯାହାକୁ ନାହିଁ ତାକୁ ପ୍ରପୋଜ୍ କଲେ ଯେ ଆପଣଙ୍କୁ ମନର ସାଥୀଟିଏ ମିଳିଯିବ ତାହା ଭାବିବା ଆଦୌ ଠିକ୍ ନୁହେଁ । ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ୍ ଲଙ୍ଗ୍ ଯୋଡି ହୋଇ ରହିବ । ଯାହାକୁ ମନ ତାକୁ ପ୍ରପୋଜ୍ କଲେ ଯେ ଆପଣଙ୍କର ମନୋସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ । କାରଣ 'ମନକୁ ମିଳିଲେ ମନର ସାଥୀ, ଜାଣି ହୁଏ ନାହିଁ ଦିନ କି ରାତି ।'

**ପ୍ରଶ୍ନ–** ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି । ତାକୁ କେମିତି ଆପଣେଇ ନେବି ଜାଣିପାରୁନି । କ'ଣ କରିବି ?

*–ପ୍ରମୋଦ ନାୟକ, ପୁରୀ*

**ଉତ୍ତର:** ଯଦି ଜାଣୁଛନ୍ତି କଥା ଏତେବାଟ ଆଗେଇ ଗଲାଣି ତେବେ ଡେରି କରୁଛନ୍ତି କିଆଁ ? ପ୍ରେମରେ ସବୁବେଳେ ଶୁଭସ୍ୟ ଶୀଘ୍ରମ । ବିଳମ୍ବ କଲେ ହୁଏତ ଚାନ୍ସ ହାତରୁ ଖସି ଯାଇପାରେ । ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ । କାରଣ ଅନେକ ସମୟରେ ଇସାରାରୁ ପ୍ରେମର ସୃଷ୍ଟି ହୋଇଥାଏ । ଯଦି ତାହାକୁ ଦେଖି ଜାଣିପାରୁଛନ୍ତି ଯେ ସେପଟୁ ଗ୍ରୀନ୍ ସିଗ୍‌ନାଲ ରହିଛି, ତେବେ ବାସ୍, ସେହି ମନର ମାନସୀକୁ ନିଜ ମନର ସ୍ୱତନ୍ତ୍ର କୋଣରେ ରଖି ଦିଅନ୍ତୁ ।

**ପ୍ରଶ୍ନ–** ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି । ତା' କବଳରୁ କିପରି ରକ୍ଷା ପାଇବି ଏ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ବିରେନ୍ଦ୍ର ଦାସ, କେନ୍ଦ୍ରାପଡା*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି ସେଥିରୁ ଲାଗୁଛି ଯେ ଆପଣ ପ୍ରେମ ଆକାଶରେ ତ୍ରିଶଙ୍କୁ ପରି ଝୁଲି ରହିଛନ୍ତି । ପ୍ରେମରେ ଯେତେବେଳେ ମନରେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ । ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ଲାଗେ । ପ୍ରେମ ହୋଇଯାଏ ରଙ୍ଗହୀନ, ସ୍ୱାଦହୀନ । ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଦଉଡିବା ଭଳି ହୋଇଥାଏ । ତେଣୁ ଯଦି ଜାଣୁଛନ୍ତି ଯେ ସେହି ପ୍ରେମିକା ଆପଣଙ୍କୁ ବ୍ଲାକ୍‌ମେଲିଂ କରିବା ଆରମ୍ଭ କଲାଣି ତେବେ ତାହାର ଜଲଦି କିଛି ବ୍ୟବସ୍ଥା କରନ୍ତୁ । ନ ହେଲେ ନେଡି ଗୁଡ଼ କହୁଣୀକୁ ବୋହି ଗଲେ କେବଳ ଅନୁତାପ କରିବା ହିଁ ସାର ।

**ପ୍ରଶ୍ନ–** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ ବୁଝି ମୋତେ ଅଧା ବାଟରେ ଛାଡି ଦେଇ କୁଆଡେ ଚାଲିଗଲା । ହେଲେ ତାକୁ ମୁଁ ମନରୁ ପାସୋରି ପାରୁନି । କ'ଣ କରିବି ? *–ଅମର, ଭୁବନେଶ୍ୱର*

**ଉତ୍ତର:** ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ପ୍ରେମର ନାଆକୁ ଆଗେଇ ନେଉଥିଲେ ତାହା ଅଧା ବାଟରେ ଦିଗହରା ହୋଇଯାଇଛି । ଏବେ ସେ ପ୍ରେମ ନାହିଁ କି ପ୍ରେମିକା ନାହିଁ । ତେଣୁ ସେପରି ପ୍ରେମର ଦି ଏଣ୍ଡ୍ ହୋଇଯାଇଛି ବୋଲି ଧରିନିଅନ୍ତୁ । ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ । ଯଦି ପୁଣି ଥରେ କାହାକୁ ମନର ମାନସୀ ଭାବରେ ଚଏସ୍ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ । ଏବେ ନୂଆ ପ୍ରେମକୁ ଆହୁରି ସରସ ସୁନ୍ଦର କରିବା ପାଇଁ ପୁରୁଣା ପ୍ରେମକୁ ସମ୍ପୂର୍ଣ୍ଣ ଭାବରେ ମନରୁ ପୋଛି ଦିଅନ୍ତୁ ।

# ଚିକନ୍‌କାରୀ ଆଉଟ୍‌ଫିଟ୍

ଚିକନ୍‌କାରୀ ଏକପ୍ରକାର ପାରମ୍ପରିକ ଏମ୍ବ୍ରୋଡୋରୀ କାମ; ଯାହାର ଶୁଭାରମ୍ଭ ଲକ୍ଷ୍ମୌରୁ ହୋଇଥିବା ସୂଚନା ରହିଛି। ତେବେ ଚିକନ୍‌କାରୀ କାମ ହୋଇଥିବା ଆଉଟ୍‌ଫିଟ୍ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗେ ଖରାଦିନେ ପିନ୍ଧିବାକୁ ବି ସେମିତି କମ୍ଫର୍ଟେବଲ ହୋଇଥାଏ। ଏହି ଆଉଟ୍‌ଫିଟ୍‌କୁ କାଜୁଆଲ ଆଉଟିଂ ହେଉ ଅବା ପାର୍ଟି, ଫଙ୍କ୍‌ସନ କିମ୍ବା ଅଫିସ୍ ସବୁ କ୍ଷେତ୍ରରେ ଆରାମରେ ପିନ୍ଧିହୁଏ। ଜାଣନ୍ତୁ ସେମିତି କିଛି ଟ୍ରେଣ୍ଡି ଚିକନ୍‌କାରୀ ଆଉଟ୍‌ଫିଟ୍ ସମ୍ପର୍କରେ...





**ଚିକନ୍‌କାରୀ କୁର୍ତ୍ତା:** ଖରାଦିନେ କୁଲ୍, କମ୍ଫର୍ଟେବଲ ଲୁକ୍ ଦେଇଥାଏ ଚିକନ୍‌କାରୀ କୁର୍ତ୍ତା। ଯଦି ଆପଣ ଦିନବେଳା ଏହାକୁ କ୍ୟାରି କରିବାକୁ ଚାହୁଁଥାନ୍ତି, ତା'ହେଲେ ପ୍ଲାଜୋ ସହିତ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳେ। ଖାସ୍‌କରି ଲେସ୍ କାମ ହୋଇଥିବା ପ୍ଲାଜୋ ସହିତ ଏହା ବେଶ୍ ମାନିଥାଏ। ଆଉ ଯଦି ଟିକେ ଷ୍ଟାଇଲିଶ୍ ଟଚ୍ ଚାହୁଁଥାନ୍ତି, ତା'ହେଲେ ଚିକନ୍‌କାରୀ କୁର୍ତ୍ତାକୁ ଜିନ୍ସ ସହିତ ମଧ୍ୟ ପେୟାର୍ କରିପାରିବେ। ଏଥିପାଇଁ ଆପଣଙ୍କ ହାତରେ ହାଇୱେଷ୍ଟ ଜିନ୍ସରୁ ଆରମ୍ଭ କରି ରିପ୍ଡ ଜିନ୍ସ ପର୍ଯ୍ୟନ୍ତ ଅନେକ ଅପ୍ସନ ରହିଛି। ସ୍ପୋର୍ଟି ଲୁକ୍ ପାଇଁ ଆପଣ ଏହା ସହିତ ସ୍ନିକର୍ସ ମଧ୍ୟ ମ୍ୟାଚିଂ କରି ପିନ୍ଧିପାରିବେ। ଏହାଛଡ଼ା ଯଦି ଆପଣ ସିମ୍ପଲ ପ୍ୟାଣ୍ଟ କିମ୍ବା ଟ୍ରାଉଜର୍ସ ସହିତ ଏହି କୁର୍ତ୍ତା ପିନ୍ଧିବାକୁ ଚାହୁଁଥାନ୍ତି; ତା'ହେଲେ ଧ୍ୟାନ ଦେବେ ପ୍ୟାଣ୍ଟ କିମ୍ବା ଟ୍ରାଉଜର୍ସର ଲମ୍ବା ଯେମିତି ଆଙ୍କେଲ୍ ଲେଙ୍ଗ୍‌ଥ ହୋଇଥିବ। ଏହି ଲୁକ୍‌କୁ ସିଲ୍‌ଭର୍ କଲର୍‌ର ଚାନ୍ଦବାଲି କିମ୍ବା ଝୁମ୍‌କା ଇୟର ରିଂ ବେଶ୍ ଭଲ ମାନିଥାଏ।

**ଚିକନ୍‌କାରୀ ଶାଢି:** ଏହା ଦେଖିବାକୁ ଯେମିତି ସୁନ୍ଦର ହୋଇଥାଏ ପିନ୍ଧିବାକୁ ବି ସେମିତି କମ୍ଫର୍ଟେବଲ ଲାଗିଥାଏ। ସେଥିପାଇଁ ସେଲିବ୍ରିଟିଙ୍କୁ ବି ଅନେକ ସମୟରେ ଏହି ଶାଢି ପିନ୍ଧିଥିବାର ଦେଖିବାକୁ ମିଳେ। ବିଶେଷକରି ସିଲ୍କ ଚିକନ୍‌କାରୀ ଶାଢି, ଜର୍ଜେଟ୍ ଚିକନ୍‌କାରୀ ଶାଢି, କୋଟା ଚିକନ୍‌କାରୀ ଶାଢି, ଚନ୍ଦେରୀ ଚିକନ୍‌କାରୀ ଶାଢିର ବେଶ୍ ଚାହିଦା ରହୁଥିବା ସୂଚନା ରହିଛି।

**ଚିକନ୍‌କାରୀ ଲେହେଙ୍ଗା:** ଖରାଦିନେ ହେଉଥିବା ବାହାଘରରେ ପିନ୍ଧିବା ପାଇଁ ଚିକନ୍‌କାରୀ ଲେହେଙ୍ଗା ଏକ ବେଷ୍ଟ ଅପ୍ସନ ହୋଇଥାଏ। ବିଶେଷକରି ବେବି ପିଙ୍କ୍, ବ୍ରାଇଟ୍ ୟେଲୋ, ଲାଇଟ୍ ଅରେଞ୍ଜ, ପିଚ୍ କଲର୍, ଲାଇଟ୍ ବ୍ଲୁ କିମ୍ବା ପର୍ପଲ କଲର୍‌ର ଚିକନ୍‌କାରୀ ଲେହେଙ୍ଗା ଖରାଦିନେ ପିନ୍ଧିବାକୁ ଭଲ ଲାଗିଥାଏ। ଲାଇଟ୍ ଫାବ୍ରିକ୍‌ରେ ତିଆରି ହୋଇଥିବା ଏହି ଲେହେଙ୍ଗା ସହିତ ଡାଇମଣ୍ଡ, ରୁବି, ପୋଲ୍‌କି କିମ୍ବା କୁନ୍ଦନ କାମ ହୋଇଥିବା ଜୁଏଲେରୀ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ।

**ଚିକନ୍‌କାରୀ ଗାଉନ୍:** ଖରାଦିନେ ଅଫିସ୍ ପାର୍ଟି ହେଉ ଅବା ଘରୋଇ ପୂଜାପର୍ବରେ ପିନ୍ଧିବା ପାଇଁ ଏହା ବେଷ୍ଟ ଅପ୍ସନ ହୋଇଥାଏ। ଏହା ସହିତ ଅକ୍ସିଡାଇଜ୍‌ଡ ଜୁଏଲେରୀ ପିନ୍ଧିଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଏ।












**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ-ଓଡ଼ିଶା ଫ୍ୟାଶନ ଭିଲ୍ଲା**

## ହାଃ ହାଃ

### ଗରମ

ଜଜ୍ ଅପରାଧୀକୁ: ତମେ ପୋଲିସ୍ ଅଫିସର୍‌ଙ୍କ ପକେଟରେ ଜଳନ୍ତା ଦିଆସିଲି କାହିଁକି ରଖିଲ ?
ଅପରାଧୀ: ମୋର କିଛି ଦୋଷ ନାହିଁ ଆଜ୍ଞା। ସେ ହିଁ ମତେ ବାଧ୍ୟ କଲେ ଯେ, ଯଦି ବେଲ୍ ପାଇବାକୁ ଚାହଁ ପ୍ରଥମେ ମୋ ପକେଟ୍ ଗରମ କର।

### ଟିକେଟ୍

ଟିଟି ଗୋପୀକୁ ପ୍ଲାଟଫର୍ମରେ ଧରିନେଲେ।
ଟିଟି: ଟ୍ରେନ୍ ଟିକେଟ୍ ଦେଖାଅ।
ଗୋପୀ: ଟିକେଟ୍ ନାହିଁ।
ଟିଟି: ବିନା ଟିକେଟ୍‌ରେ ପଳେଇ ଆସିଛ।
ଗୋପୀ: ମୁଁ ଟ୍ରେନ୍‌ରେ ଆସିନି।
ଟିଟି: ପ୍ରମାଣ କ'ଣ ଅଛି ?
ଗୋପୀ: ପ୍ରମାଣ ଏଇୟା ଯେ, ମୋ ପାଖରେ ଟିକେଟ୍ ନାହିଁ।

### କାଳ

ଶିକ୍ଷକ: କାଳ କେତେ ପ୍ରକାରର ?
ମାଧବ: ସାର୍, ତିନି ପ୍ରକାରର।
ଶିକ୍ଷକ: ସେଗୁଡ଼ିକ କ'ଣ କହିଲ ?
ମାଧବ: ଅତିତ, ବର୍ତ୍ତମାନ ଓ ଭବିଷ୍ୟତ କାଳ।
ଶିକ୍ଷକ: ଉଦାହରଣ ଦେଲ।
ମାଧବ: ମୁଁ କାଲି ଆପଣଙ୍କ ଝିଅକୁ ଦେଖିଲି। ଆଜି ପ୍ରେମ ହେଇଗଲା। ଆସନ୍ତା କାଲି ମୁଁ ତାକୁ ଘରୁ ନେଇ ପଳେଇବି।







## ସୌନ୍ଦର୍ଯ୍ୟପୂର୍ଣ୍ଣ ହିଲ୍‌ଷ୍ଟେଶନ

# ଶିଲଂ

**ମେଘାଳୟର ରାଜଧାନୀ ଶିଲଂ ହେଉଛି ଭାରତର ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ହିଲ୍‌ଷ୍ଟେଶନ। ଏଠାରେ ଦେଖିବାକୁ ମିଳୁଥିବା ସବୁଜ ବନାନୀ, କଳକଳ ନାଦ କରି ବୋହିଯାଉଥିବା ଝରଣାର ଅପୂର୍ବ ଦୃଶ୍ୟ, ବାଦଲ ଘେରା ପାହାଡ଼ର ଅପରୂପ ସୌନ୍ଦର୍ଯ୍ୟ, ଶାନ୍ତ ନଦୀର ଶୋଭା ସାଙ୍ଗକୁ ଆଶ୍ଚର୍ଯ୍ୟ କରିଦେବା ଭଳି ଅନୁକୂଳ ବାତାବରଣ ଦେଶବିଦେଶର ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ସେଥିପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ...**





ଉତ୍ତରପୂର୍ବ ଭାରତର ଏକ ପ୍ରମୁଖ ସହର କୁହାଯାଉଥିବା ଶିଲଂ ହେଉଛି ମେଘାଳୟ ରାଜ୍ୟର ରାଜଧାନୀ। ତା'ଛଡ଼ା ଏହା ଏକ ହିଲ୍‌ଷ୍ଟେଶନ ମଧ୍ୟ। ସମୁଦ୍ରପତ୍ତନରୁ ପ୍ରାୟ ୪୯୦୮ରୁ ୬୪୪୯ ଫୁଟ ଉଚ୍ଚତାରେ ରହୁଥିବା ଏହି ସ୍ଥାନଟିର ଅନୁକୂଳ ବାତାବରଣ ଦେଶବିଦେଶର ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ତା'ଛଡ଼ା ଏଠାରେ ଦେଖିବାକୁ ମିଳୁଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକ ବି ବେଶ୍ ଆଖିଦୃଶିଆ ହୋଇଥାଏ। ସେଥିପାଇଁ ଏଠାରେ ସବୁବେଳେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।

### କ'ଣ ଦେଖିବେ

ଏଠାରେ ପର୍ଯ୍ୟଟକ ବହୁ ଉଚ୍ଚ ଉଚ୍ଚ ପାହାଡ଼, ଜଙ୍ଗଲ ପରିବେଷ୍ଟିତ ଅଞ୍ଚଳ, ହ୍ରଦ, ଝରଣା ତଥା ଏକାଧିକ ମ୍ୟୁଜିୟମ୍ ଦେଖିବାକୁ ପାଇପାରିବେ। ଯେମିତିକି:

* **ଏଲିଫାଣ୍ଟ ଫଲ୍ସ:** ଏହା ସ୍ଥାନୀୟ ଅଞ୍ଚଳର ଏକ ଲୋକପ୍ରିୟ ଜଳପ୍ରପାତ। ପିକ୍‌ନିକ୍ ସ୍ପଟ୍ ଭାବେ ଏହାର ବେଶ୍ ନାଁ ରହିଛି। ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଏଠାରେ ରହିଛି ଅନେକ ସୁବିଧା ସୁଯୋଗ।

* **ୱାର୍ଡ୍ସ ଲେକ୍:** ଏହା ଏକ କୃତ୍ରିମ ହ୍ରଦ। ସ୍ଥାନୀୟ ଲୋକେ ଏହାକୁ ନାନ୍-ପୋଲୋକ ବୋଲି ବି କହିଥାନ୍ତି। ଏହି ହ୍ରଦ ନିକଟରେ ଏକ ସୁନ୍ଦର ବଗିଚା ମଧ୍ୟ ରହିଛି। ବୋଟିଂ ସୁବିଧା ବି ଏଠି ଅଛି।

* **ଶିଲଂ ପିକ୍:** ସମୁଦ୍ରପତ୍ତନରୁ ପ୍ରାୟ ୧୯୬୬ ମିଟର ଉଚ୍ଚତାରେ ରହିଥିବା ଏହି ସ୍ଥାନଟି ଶିଲଂ ସହରଠାରୁ ପ୍ରାୟ ୧୦ କି.ମି ଦୂରରେ ରହିଛି। ଏହା ବି ସ୍ଥାନୀୟ ଅଞ୍ଚଳର ଏକ ପିକ୍‌ନିକ୍ ସ୍ପଟ୍।

* **ସନ୍‌ସେଟ୍ ପଏଣ୍ଟ:** ଶିଲଂରେ ଏମିତି ଅନେକ ସ୍ଥାନ ରହିଛି, ଯେଉଁଠାରେ ପର୍ଯ୍ୟଟକ ବସି ସୂର୍ଯ୍ୟାସ୍ତର ଅପୂର୍ବ ଦୃଶ୍ୟକୁ ମନଭରି ଉପଭୋଗ କରିପାରିବେ।

* **ସୁଇଟ୍ ଫଲ୍ସ:** ଶିଲଂ ନିକଟସ୍ଥ ଏହା ମଧ୍ୟ ଏକ ଲୋକପ୍ରିୟ ଜଳପ୍ରପାତ। ସମୁଦ୍ରପତ୍ତନରୁ ପ୍ରାୟ ୯୬ ମିଟର ଉଚ୍ଚତାରେ ଥିବା ଏହି ଜଳପ୍ରପାତଟିର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ବେଶ୍ ମନଲୋଭା ହୋଇଥାଏ।

ଏହା ବ୍ୟତିତ କା ଫାନ୍ ନଙ୍ଗଲେଟ୍ ପାର୍କ, ଶିଲଂ ଗଲ୍ଫ କୋର୍ସ, ମୋଟ୍‌ଫ୍ରାନ୍, କ୍ୟାପ୍‌ଟେନ୍ ୱିଲିୟମସନ୍ ସାଙ୍ଗମା ଷ୍ଟେଟ୍ ମ୍ୟୁଜିୟମ୍, ଡନ୍ ବୋସ୍କୋ ସେଣ୍ଟର ଫର୍ ଇଣ୍ଡିଜିନିୟସ୍ କଲଚର୍ସ, ୱାଙ୍ଖାର୍ ଏଣ୍ଟୋମୋଲୋଜିକାଲ୍ ମ୍ୟୁଜିୟମ୍, ଷ୍ଟେଟ ମ୍ୟୁଜିୟମ୍, ବିସପ୍ ଆଣ୍ଡ ବିଡନ୍ ଫଲ୍ସ, ସ୍ପ୍ରେଡ୍ ଇଗଲ୍ ଫଲ୍ସ, କ୍ରିନୋଲାଇନ୍ ଫଲ୍ସ ଇତ୍ୟାଦି ହେଉଛି ଏଠାକାର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ।

### କେବେ ଯିବେ

ବର୍ଷର ଯେ କୌଣସି ସମୟରେ ଚାହିଁବେ ପର୍ଯ୍ୟଟକ ଶିଲଂ ବୁଲିବାକୁ ଯାଇପାରିବେ। ହେଲେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଏଠାକୁ ଯିବା ପାଇଁ ଖରାଦିନ ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ଖରାଦିନେ ଏଠାକାର ଜଳବାୟୁ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ।

### କେମିତି ଯିବେ

ଶିଲଂ ଯିବାପାଇଁ ଗମନାଗମନର ବି ଭଲ ସୁବିଧା ରହିଛି। ଶିଲଂ ଏୟାରପୋର୍ଟ ହେଉଛି ଏହାର ନିକଟବର୍ତ୍ତୀ ବିମାନବନ୍ଦର, ଯେଉଁଠାକୁ କୋଲକାତା, ଦିଲ୍ଲୀ, ଗୁଆହାଟି, ଡିବ୍ରୁଗଡ଼, ଅଗରତାଲା ଆଦି ସ୍ଥାନରୁ ନିୟମିତ ବ୍ୟବଧାନରେ ବିମାନ ଚଳାଚଳ କରିଥାଏ। ତା'ଛଡ଼ା ଏଠାକୁ ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଏଠାରେ ଆରାମରେ ପହଁଞ୍ଚିପାରିବେ।

### ଇକୋ ପଏଣ୍ଟର ମଜା ନେବେ

ଶିଲଂରେ କେତୋଟି ଇକୋ ପଏଣ୍ଟ ମଧ୍ୟ ରହିଛି ; ଯେଉଁଠାରେ ପର୍ଯ୍ୟଟକ ନିଜ ସ୍ୱରକୁ ପୁର୍ନବାର ଶୁଣିବାର ଆନନ୍ଦ ଲଭିପାରିବେ। ତା'ସହିତ ଏଠାକାର ଜଙ୍ଗଲ ପରିବେଶରେ ଥିବା ବହୁ ଔଷଧୀୟ ବୃକ୍ଷଆଦି ବୁଲି ଦେଖିବା ସହ ସେ ସମ୍ପର୍କିତ ଅନେକ ତଥ୍ୟ ମଧ୍ୟ ସଂଗ୍ରହ କରିପାରିବେ।



# ପାଣି ଓଦା କାହିଁକି?



**ସକାଳୁ ଉଠିବାଠୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ପାଣିର ଆବଶ୍ୟକତା ପଡେ। ତେବେ ଜାଣନ୍ତି କି ଏଇ ପାଣି ଓଦା କାହିଁକି? ଆସନ୍ତୁ ଜାଣିବା ଏହା ପଛର ବୈଜ୍ଞାନିକ କାରଣ...**

ଆମ ଆଖପାଖରେ ଯାହାବି ଘଟେ, ଯାହା ବି ବସ୍ତୁ ଅଛି ତା' ମଧ୍ୟରେ କିଛି ନା କିଛି ବୈଜ୍ଞାନିକ କାରଣ ଲୁଚି ରହିଥାଏ, ଯେମିତି କି ପାଣି। ଏହା ଆମ ଦୈନନ୍ଦିନ ଜୀବନର ମହତ୍ୱପୂର୍ଣ୍ଣ ଅଂଶ ଅଟେ। ଏହା ବିନା ଜିଇଁବା ଅସମ୍ଭବ। ପୃଥିବୀରେ ୩୨୬ ମିଲିୟନ ଟ୍ରିଲିୟନ୍ ଗ୍ୟାଲନ ପାଣି ମହଜୁଦ ଅଛି। ଯାହା ମଧ୍ୟରେ ୯୭ ପ୍ରତିଶତ ପାଣି ସମୁଦ୍ରରେ ଅଛି। ତେଣୁ ଏହାକୁ ପିଇବା ଲାଗି ବ୍ୟବହାର କରିହୁଏନା। ଦୁଇ ପ୍ରତିଶତ ଜଳ ହିମବାହ ଓ ଆଇସ୍‌କ୍ୟାପ୍ ଭାବେ ଅଛି। ତେଣୁ କେବଳ ୧ ପ୍ରତିଶତ ଜଳ ହିଁ ପିଇବା ଯୋଗ୍ୟ। ସେହି ପାଣିକୁ



ଆମେ ପିଇବା ସହ ଗାଧୋଇବା, ବାସନକୁସନ, ଲୁଗାପଟା ସଫା ଭଳି ନାନା ପ୍ରକାରର କାମରେ ବ୍ୟବହାର କରିଥାଉ। ହେଲେ କେବେ ଭାବିଛନ୍ତି ପାଣି ଓଦା କାହିଁକି ? ଅର୍ଥାତ୍ ଏହା ସଂସ୍ପର୍ଶରେ ଆସିଲେ ଓଦା ଅନୁଭୂତ ହୁଏ କାହିଁକି ? ଏହାର ଉତ୍ତର ହେଉଛି – ପାଣି ହାଇଡ୍ରୋଜେନ୍‌ର ଦୁଇଟି ପରମାଣୁ ଓ ଅକ୍ସିଜେନ୍‌ର ଗୋଟିଏ ପରମାଣୁ ସହ ମିଶି ତିଆରି ହୋଇଛି। ପାଣିରେ ଥିବା ଅକ୍ସିଜେନ ବା ଅମ୍ଳଜାନରେ ଆର୍ଦ୍ରତା ଥାଏ। ଏହି ଅମ୍ଳଜାନ ପାଇଁ ହିଁ ପାଣିକୁ ହାତରେ ଧରିଲେ ଓଦା ଅନୁଭୂତ ହୁଏ। କିନ୍ତୁ ପ୍ରକୃତରେ ପାଣି ଓଦା ନୁହେଁ। ବରଂ ଏହା କଠିନ ବସ୍ତୁକୁ ଓଦା କରିଥାଏ। ଆର୍ଦ୍ରତା ହେଉଛି ତରଳ ପାଣିର କଠିନ ବସ୍ତୁର ପୃଷ୍ଠଭାଗରେ ଲାଖି ରହିବାର କ୍ଷମତା। ତେଣୁ ଆମେ ଯେବେ କୌଣସି ଜିନିଷକୁ ଓଦା ବୋଲି କହୁ ତା'ର ଅର୍ଥ ହେଉଛି ତରଳ ପଦାର୍ଥ ବା ପାଣି ସେହି ବସ୍ତୁର ପୃଷ୍ଠ ଭାଗରେ ଲାଖି ରହିଛି।

# ୟୁନି ସାଇକେଲ ପୋଲୋ

ଘୋଡା ଉପରେ ଲମ୍ବା ମାଲେଟ୍ (ହକ ଷ୍ଟିକ୍ ପରି) ସାହାଯ୍ୟରେ ଦୁଇଟି ଦଳ ଗୋଟିଏ ଛୋଟିଆ ବଲକୁ ନେଇ ଖେଳନ୍ତି ପୋଲୋ। ଏହି ଖେଳ ବେଶ୍ ରୋଚକ ହେବାସହ କଷ୍ଟକର ବି। ଘୋଡା ଚଳାଇବା ସହ ଲମ୍ବା ମାଲେଟ୍ ସାହାଯ୍ୟରେ ଅପୋନେଣ୍ଟର ଗୋଲପୋଷ୍ଟ ଭିତରକୁ ବଲ୍‌କୁ ମାରିବାକୁ ହୁଏ। ତେବେ ଏହି ଖେଳ ପରି ଆଉ ଏକ ଖେଳ ବି ଅଛି। ହେଲେ ଏଥିରେ ଘୋଡା ବଦଳରେ ବ୍ୟବହାର କରାଯାଏ ୟୁନି ସାଇକେଲ। ୟୁନି ସାଇକେଲ ଅର୍ଥାତ୍ ଏକ ଚକିଆ ସାଇକେଲ, ଯାହାକୁ ନିୟନ୍ତ୍ରଣ କରି ଚଳାଇବା ବହୁତ କଷ୍ଟକର। ଏମିତିରେ ଏହାକୁ ଚଳାଇବା ସହ ଏକା ନିୟମରେ ପୋଲୋ ଖେଳିବା ଅସମ୍ଭବ ଲାଗେ। କିନ୍ତୁ କିଛି ଦୁଃସାହସୀ ବ୍ୟକ୍ତିଙ୍କ ପାଇଁ ଏଭଳି ଏକ କଷ୍ଟକର ଖେଳର ପ୍ରତିଯୋଗିତା ଆୟୋଜନ ହେଉଛି। ଏହି ଖେଳ ବେଶ୍ ରୋମାଞ୍ଚକର ହୋଇଥାଏ।





## କଥା ଚାଟ୍

# ଚଳେଇନେଲେ ସବୁ ଚଳିବ

**-ଓଁ ଅଭିଜ୍ଞାନ ସାହୁ**

ସ୍ୱାଧୀନତା ପରଠୁ ଏଯାବତ ସବୁ ସରକାର ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନପାଇଁ ଯେତିକି ଆଗ୍ରହ ଦେଖେଇଛନ୍ତି ସେହି ଅନୁପାତରେ ପ୍ରତିମୂର୍ତ୍ତି ଲାଗି ସେତିକି ହଟହଟା ହୋଇ ବିରୋଧର ସାମ୍ନା କରିବାକୁ ପଡିଛି । ତଥାପି ପ୍ରତିମୂର୍ତ୍ତି ସ୍ଥାପନର କି ମୋହ କେଜାଣି ପ୍ରତ୍ୟେକ ସରକାର ବଦଳିବା ସହ ପ୍ରତିମୂର୍ତ୍ତିର ସଂଖ୍ୟା ବଢ଼ିଚାଲେ । ଦେବଭୂମି ଭାରତରେ ମହାପୁରୁଷଙ୍କ ଅଭାବ ନାହିଁ । ଏବେ ଅବସ୍ଥା ଆସି ଏମିତି ସ୍ତରରେ ପହଞ୍ଚିଲାଣି ଯେଉଁ ଅନୁପାତରେ ମହାପୁରୁଷଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି ତାଙ୍କ ମୃତ୍ୟୁପରେ ଭବିଷ୍ୟତରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦେଶରେ ସେତିକି ଛକ ଜାଗା କି ପାର୍କ ଥିବ କି ନାହିଁ ତାହା ସନ୍ଦେହ । ସହରର ଏକ ପ୍ରମୁଖ ରାସ୍ତା ପାର୍ଶ୍ୱରେ ଏକ ରାଜନୈତିକ ଦଳ ତାଙ୍କ ନେତାଙ୍କ ପୁଣ୍ୟତିଥି ଅବସରରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସୁଦୃଶ୍ୟ ଷ୍ଟାଣ୍ଡଟିଏ ତିଆରି କରିଥିଲା । ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜାଗାର ଘୋର ଅଭାବ ବେଳେ ସହରର ଏଭଳି ଏକ ପ୍ରମୁଖ ଜାଗାକୁ ଅକ୍ତିଆର କରିନେବା ବିରୋଧୀଙ୍କ ଦେହରେ ଗଲାନି । କିଛି ସ୍ଥାନୀୟ କୁଜିନେତାଙ୍କ ସହଯୋଗରେ ରାତାରାତି ତାଙ୍କ ନେତାଙ୍କ ପ୍ରତିମୂର୍ତ୍ତି ଅନ୍ୟ ଦଳ ତିଆରି କରିଥିବା ଷ୍ଟାଣ୍ଡ ଉପରେ ସ୍ଥାପନ କରି ସକାଳୁ ଉଦ୍‌ଘାଟନ କରିଦେଲେ । ଚାଲିଲା ଘମାଘୋଟ ହାତାହାତି, ବାକ୍ ଯୁଦ୍ଧ । ଶେଷରେ ଅନନ୍ୟୋପାୟ ହୋଇ ଅନ୍ୟ ରାଜନୈତିକ ଦଳ ରାସ୍ତାର ଠିକ୍ ଅପରପାର୍ଶ୍ୱରେ ତାଙ୍କ ନେତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କଲେ । ଏକଦା ବିଧାନସଭାରେ ହାତାହାତି ହେଉଥିବା ଏହି ଦୁଇ ଦିବଂଗତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଏବେ ଆମ୍ନାସାମ୍ନା । ଉଭୟ ଉଭୟଙ୍କ ଉପରେ ତୀକ୍ଷ୍ଣ ନଜର ପକେଇ ବସିଛନ୍ତି ଯେମିତିକି ଯଦି ସମ୍ଭବ ହେଉଥାନ୍ତା ତେବେ ଉଭୟେ ମୂର୍ତ୍ତିରୁ ବାହାରି ଆସି ବିଚ୍ ସଡ଼କରେ ଲଢ଼େଇ କରନ୍ତେ । ଭାଗ୍ୟକୁ ମଝିରେ ଯାଇଥିବା ବ୍ୟସ୍ତବହୁଳ ରାସ୍ତାଟି ଉଭୟଙ୍କ ପାଇଁ ଏକ ସୁରକ୍ଷିତ ସୀମା ନିର୍ଦ୍ଧାରଣ କରିଦେଇଛି ।

କୌଣସି ସରକାରଙ୍କ ପାଇଁ ପ୍ରତିମୂର୍ତ୍ତି ସ୍ଥାପନା ଏକ ମୁଣ୍ଡବ୍ୟଥା । କାରଣ ଏଠି ନେତା ମାଳ ମାଳ ହେଲେ ମୂର୍ତ୍ତି ସ୍ଥାପନ ପାଇଁ ଭଲ ଜାଗାର ଅଭାବ । ଉପରେ ପୁଣି ପୁଣ୍ୟତିଥି କି ମହାପ୍ରୟାଣ ଦିବସ ମନେରଖି ଫୁଲହାର ନ ଦେଲେ ଅପଦସ୍ଥ ହେବା ଥୟ । ଠିକ୍‌ଭାବେ ରକ୍ଷଣାବେକ୍ଷଣ ନ ହେଲେ ଗାଳି ଶୁଣିବାଟା ଏକ୍ସଟ୍ରା । ତଥାପି ପ୍ରତିଛକରେ ପ୍ରତିମୂର୍ତ୍ତି ସ୍ଥାପନ ନ କଲେ ସରକାରଙ୍କୁ ନିଦ ହୁଏନି । କେମିତି କେଜାଣି ପ୍ରତି ଟ୍ରାଫିକ୍ ଛକ ତିଆରି ବେଳେ ଗୋଟେ ଅନାବଶ୍ୟକ ଛୋଟ କୋଣ ଜାଗାଟିଏ ରହିଯାଇଥାଏ । ପରେ କୌଣସି ସ୍ୱର୍ଗତ ମହାପୁରୁଷ ସେଠି ସୁନ୍ଦରଭାବେ ଆଡ୍‌ଜଷ୍ଟ ହୋଇଯାଆନ୍ତି । ଇତିହାସରେ ଟ୍ରାଫିକ୍ ଛକର ପରିକଳ୍ପନା ପ୍ରଥମେ ହୋଇଥିଲା କି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ତାହା ଅବଶ୍ୟ ଗବେଷଣା ସାପେକ୍ଷ ।

ଏମିତିରେ ଦେଶଭକ୍ତଙ୍କ ପ୍ରତିମୂର୍ତ୍ତି ଦେଖି କେହି ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାର ପ୍ରାମାଣିକ ତଥ୍ୟ ନାହିଁ । ତେଣୁ ନୂତନ ମୂର୍ତ୍ତି ସ୍ଥାପନ ପାଇଁ ନିରୀହ ଟିକସଦାତାଙ୍କ ଅର୍ଥକୁ ଅଯଥା ଖର୍ଚ୍ଚ କରା ନ ଯାଉ । ଅବଶ୍ୟ ଭବିଷ୍ୟତରେ ଏହି କମ୍ ଖର୍ଚ୍ଚରେ ପ୍ରତିମୂର୍ତ୍ତି ବଦଳା ଯିବା କାମକୁ ସେହି ସାଧାରଣ ଟିକସଦାତା ଯେ ବିରୋଧ ନ କରିବେ ତାକୁ ଅସ୍ୱୀକାର କରିହେବନି । କାରଣ ହେଲା ଆମ ଲୋକଙ୍କ ମାନସିକତା । କମ୍ ଖର୍ଚ୍ଚରେ ଯଦି କିଛି ହେଲା ତେବେ ତାହା ଲୋକଙ୍କ ପସନ୍ଦ ହୁଏନାହିଁ। ଗାଁର ସାଧାରଣ ରାସ୍ତା ତିଆରି ପାଇଁ ଜାପାନ କି ବିଶ୍ୱବ୍ୟାଙ୍କରୁ ଅନୁଦାନ ଆଣି ବହୁକୋଟିର ଆକଳନ ହେଲେ ଲୋକେ ବେଶି ଖୁସି ହୁଅନ୍ତି। ନଚେତ ଲୋକଙ୍କୁ ସବୁ ରାସ୍ତା ଅତି ସାଧାରଣ ଅଥବା ନିମ୍ନ ସ୍ତରର ଲାଗେ ।

ଯଦି ଭାବୁଥିବେ କେବଳ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପ୍ରତି ଏପରି ଅବିଚାର ହେଉଛି ତେବେ ଥରେ ପ୍ରଭୁ ଶ୍ରୀଗଣେଶ ଓ ଗୌତମ ବୁଦ୍ଧଙ୍କ କଥା ଭାବନ୍ତୁ । ଏ ନେତା ମହାତ୍ମାମାନଙ୍କ ଅପେକ୍ଷା ଗଣେଶ ଓ ବୁଦ୍ଧଙ୍କ ଅବସ୍ଥା ଆହୁରି ଶୋଚନୀୟ। ପୃଥିବୀରେ ଏହି ଦୁଇ ପ୍ରଭୁଙ୍କ ମୂର୍ତ୍ତି ଯେତିକି ଲୋକଙ୍କ ବୈଠକଖାନା ସଜାରେ ବ୍ୟବହାର ହୋଇଛି ବୋଧେ ଆଉ କୌଣସି ଦେବତାଙ୍କ ହେଇ ନ ଥିବ । କେହିଜଣେ ବାସ୍ତୁବିତ୍ ପ୍ରଚାର କରିଦେଲେ



ଯେ ଗଣେଶଙ୍କ ମୂର୍ତ୍ତି ଘରର ପ୍ରବେଶ ଦ୍ୱାର ପାଖରେ ରଖିଲେ ଘର ଭିତରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରିବ ନାହିଁ । କୁଶକ୍ତି ପ୍ରବେଶ ଭୟରେ ଲୋକେ ପ୍ରଭୁଙ୍କୁ ଦୁଆର ଜଗେଇ ଘର ଭିତରେ ଏସି ଲଗେଇ ଆରାମ କରୁଛନ୍ତି । ବାହାରେ ଖରା ବର୍ଷା କାକର ଖାଇ ପ୍ରଭୁଙ୍କ ଡଉଲ ଡାଉଲ ଚେହେରା ଶୁଖିଗଲାଣି । କେଉଁଠି ଶୁଣ୍ଢ ଭାଙ୍ଗିଲାଣି ତ କେଉଁଠି ରଙ୍ଗ ଛାଡି ଦେହସାରା ଯାଦୁରା ଭଳି ଦିଶିଲାଣି । ଗଣେଶଙ୍କ ଅବସ୍ଥା ତଥାପି ସହନୀୟ କିନ୍ତୁ ବୁଦ୍ଧଙ୍କ ଅବସ୍ଥା ନ କହିବା ଭଲ। ମୋହ ମାୟା ଧନ ତ୍ୟାଗକରି ସନ୍ନ୍ୟାସ ନେଇଥିବା ପ୍ରଭୁଙ୍କୁ ଭିନ୍ନ ଭିନ୍ନ ମୁଦ୍ରାରେ ସୁନାଖଚିତ ଅଳଙ୍କାରରେ ବିଭୂଷିତ କରି ଲୋକେ ଘର ସଜାଉଛନ୍ତି। ଦିନେ ଗୋଟେ ଦୋକାନରେ ବୁଦ୍ଧଙ୍କ ମୁଣ୍ଡର ପେପର ୱେଟ ଦେଖି ବ୍ୟଥିତ ହେଲି । ବୁଦ୍ଧ ଯଦି ଜାଣିଥାନ୍ତେ ଦିନେ ତାଙ୍କ ମୂର୍ତ୍ତି ଏହିଭଳି ବ୍ୟବହାର ହେବ ତେବେ ସେ ଲୁମ୍ବିନୀ ଛାଡି କେବେ ଜଙ୍ଗଲକୁ ଯାଇ ନ ଥାନ୍ତେ । ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଓ ଦେବତାଙ୍କ ମୂର୍ତ୍ତି ସ୍ଥାପନରେ କୌଣସି ପ୍ରଭେଦ ନାହିଁ । ଜଣେ ଟ୍ରାଫିକ ଛକ ଓ ପାର୍କର ଶୋଭା ବର୍ଦ୍ଧନ କରୁଥିବା ବେଳେ ଅନ୍ୟଜଣେ ଲୋକଙ୍କ ବୈଠକଖାନା । ତେଣିକି ଆଦର୍ଶ ବିଚାର ଭକ୍ତି ସବୁ ପଛେ ଚୁଲିକୁ ଯାଉ ।

ପ୍ରତିମୂର୍ତ୍ତି ତିଆରି କରୁଥିବା ଶିଳ୍ପ ଓ ଶିଳ୍ପୀ ଉଭୟ ନିଆରା । ଯଦି କେବେ କୌଣସି ପ୍ରତିମୂର୍ତ୍ତି ତିଆରି ଦୋକାନକୁ ଯିବେ ତେବେ ସେଠି ଗାନ୍ଧିଜୀ, ନେତାଜୀଙ୍କ ଭଳି କିଛି ମହାନ୍ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଆଗରୁ ତିଆରି ହୋଇ ରଖାଯାଇଥିବା ନିଶ୍ଚେ ଦେଖିବେ । ଏହିସବୁ ମହାପୁରୁଷ ହେଲେ ଚିରସବୁଜ । ଏମାନଙ୍କ ମାର୍କେଟ୍ କେବେ ମଳିନ ପଡେନି । ପ୍ରତିବର୍ଷ କେଉଁଠି ନା କେଉଁଠି ଏହିସବୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିଶ୍ଚେ ସ୍ଥାପନ ହୁଏ । ସେହିଭଳି ନିର୍ବାଚନ ସରିବା ମାତ୍ରେ ଜିତିଥିବା ଦଳର ପ୍ରତିଷ୍ଠାତା କିମ୍ବା ତୁଙ୍ଗ ନେତାଙ୍କ ଅନେକ ମୁଦ୍ରାର ପ୍ରତିମୂର୍ତ୍ତି ତିଆରି ଆରମ୍ଭ କରିଦିଅନ୍ତି । କାରଣ ଦଳ ଶାସନରେ ଥିବା ଯାଏ ଏ ସବୁ ପ୍ରତିମୂର୍ତ୍ତିରେ ଶିଉଳି ଲାଗେନି। ତିଆରି ସରିବା ପୂର୍ବରୁ ଅର୍ଡର ମିଳିଯାଏ। ତା' ଛଡା ଯଦିବା କ୍ୱଚିତ କୌଣସି ମୂର୍ତ୍ତି ବିକ୍ରି ନ ହୋଇ ରହିଯାଏ ତେବେ ଆବଶ୍ୟକ ଅନୁଯାୟୀ ଜଣଙ୍କ ଗଣ୍ଡି ସହ ଆଉ କାହାର ମୁଣ୍ଡକୁ ଯୋଡି ରଙ୍ଗ ମାରିଦେଲେ ଚଳିଯାଏ। ଏମିତିରେ ଉଦ୍‌ଘାଟନ ହେଲାପରେ କିଏ ମୂର୍ତ୍ତିକୁ ଦେଖେ କି? କିଛିଦିନ ପରେ ମୂର୍ତ୍ତି ସାମ୍ନାରେ ପାଲ ଟାଣି ଉଠା ଦୋକାନୀ ତା'ର ପସରା ମେଲିଦିଏ । ଜରି ପାଲ ଆଢୁଆଳରେ କାହାର ମୂର୍ତ୍ତି ଅଛି ସେଥିପ୍ରତି ଲୋକଙ୍କ ନିଘା ନ ଥାଏ। ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିବାକୁ ଆସିଥିବା ମନ୍ତ୍ରୀଙ୍କୁ ସେଠି ଯେତିକି ସମ୍ମାନ ମିଳେ ଉଦ୍‌ଘାଟିତ ହୋଇଥିବା ମହାପୁରୁଷଙ୍କୁ ସେତିକି ସମ୍ମାନ ମିଳେନି । ସାଧାରଣ ଜନତାଙ୍କ ପାଇଁ କେଉଁ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଲା ସେଇଟା ମୁଖ୍ୟ ନୁହେଁ କେଉଁ ମନ୍ତ୍ରୀ ତାକୁ ଉଦ୍‌ଘାଟନ କଲେ ସେଇଟା ମୁଖ୍ୟ । ଖାସ୍ ସେଇଥିପାଇଁ ଅନେକ ମହାପୁରୁଷ ପଲିଥିନ ଘୋଡେଇ ହୋଇ ମାସ ମାସ ହେବ ରାସ୍ତା କଡ଼ରେ ଅପେକ୍ଷା କରିଛନ୍ତି କେବେ ମନ୍ତ୍ରୀଙ୍କ ସମୟ ହେବ, ମନ୍ତ୍ରୀ ତାଙ୍କୁ ଉଦ୍‌ଘାଟନ କରିବେ, ତାଙ୍କ ମୁହଁ ଉପରୁ ପଲିଥିନ ହଟିବ ଓ ସେ ଦିବାଲୋକ ଦେଖିବେ । ତେଣୁ କାହାର ଦହକ ଯାଉଛି କେଉଁ ମହାପୁରୁଷଙ୍କ ଗଣ୍ଡିରେ କେଉଁ ମହାପୁରୁଷଙ୍କ ମୁଣ୍ଡ ଲାଗିଛି ଜାଣିବାକୁ । ଚଳେଇ ନେଲେ ଆମର ଏଠି ସବୁ ଚଳିଯାଏ ।

ଏବେ ସଦ୍ୟ ଉଦ୍‌ଘାଟିତ ହୋଇଥିବା ଏକ ମହାନ୍ ଜନନାୟକଙ୍କ ପ୍ରତିମୂର୍ତ୍ତିକୁ ନେଇ ବିବାଦ ତେଜିବାରେ ଲାଗିଛି । ଜୀବନ ବ୍ୟାପୀ ଗାନ୍ଧିବାଦୀ ଆଦର୍ଶ ଓ ନିରାଡ଼ମ୍ବର ଜୀବନ ଜିଇଥିବା ଲୋକ ପ୍ରତି ସମ୍ମାନ ଜଣେଇ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କଲେ । ଏକଦା ରାଜ୍ୟ ମୁଖ୍ୟମନ୍ତ୍ରୀ ଥିବା ଏହି ବିନମ୍ର ବିଦୁଷ ଯିଏକି ଆଦର୍ଶ ଓ ମୂଲ୍ୟବୋଧକୁ ପାଥେୟ କରି ଶେଷଯାଏ ଦୁଇଖଣ୍ଡ ଖଦଡ଼ ଧୋତିରେ ଚଳୁଥିଲେ ତାଙ୍କୁ ସୁଟ୍‌ବୁଟ୍ ପିନ୍ଧେଇ ଛିଡ଼ା କରେଇଦେଲେ। କ୍ଷୋଭର ବିଷୟ ଏହି କି ଯେ ତିଆରି କରିଥିବା ଶିଳ୍ପୀ ତାଙ୍କୁ କେବେ ଦେଖିନି କି ତାଙ୍କ ବିଷୟରେ ଜାଣିବା ପାଇଁ ଚେଷ୍ଟା କରିନି। ହେଇପାରେ ସମୟ ଅଭାବରୁ ତା' ପାଖରେ ଥିବା ପୁରୁଣା ଆଉ କେଉଁ ସୁଟ୍‌ବୁଟ୍ ପିନ୍ଧା ମହାତ୍ମାଙ୍କ ଦେହରୁ ମୁଣ୍ଡ ଅଲଗା କରି ଏହି ଗାନ୍ଧିବାଦୀଙ୍କ ମୁଣ୍ଡ ଲେଗେଇ କାମ ଚଳେଇଦେଇଛି। ବିଚରା ଶିଳ୍ପୀ ଜଣଙ୍କ କାହିଁ ଭାବିବ ଯେ ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଥିବା ଜଣେ ବ୍ୟକ୍ତି, ଗାନ୍ଧିଜୀଙ୍କ ଉଦ୍ଦେଶ୍ୟରେ ଚର୍ଚ୍ଚିଲ କହିଥିବା 'ହାଫ୍ ନେକେଡ ଫକିର'ଙ୍କ ଭଳି ଦିଶୁଥିବ। ତେଣୁ ସେ ତାଙ୍କ ଭାବନା ଶକ୍ତିକୁ ପ୍ରୟୋଗକରି ଜଣେ ସେଠ୍‌ର ପ୍ରତିକୃତି ତିଆରି କରିଦେଲେ। ପଡ଼ୋଶୀ ରାଜ୍ୟରୁ ଆମଦାନୀ ହେଇଥିବା ଏହି ଶିଳ୍ପୀ ଜଣଙ୍କ କାଳେ ଦୁଃଖରେ କହୁଛନ୍ତି ସବ୍ କୁଛ୍ ଚଲତା ହୈ ଭାବରେ ଏହାକୁ ମଧ୍ୟ ଉଦାରତା ଦେଖେଇ ଚଳେଇ ନିଅନ୍ତୁ ।

*-ବନମାଳୀ ଭବନ, ଖାନ୍ ନଗର, କଟକ*
*ମୋ:୯୪୩୭୦୧୦୭୫୮*


## ପୁସ୍ତକ ସମୀକ୍ଷା

### ଶେଷ ଅଶ୍ରୁ

**କାଳିନ୍ଦୀ ଚରଣ ଭଞ୍ଜ**

**ପ୍ରକାଶକ- ସଂଗ୍ରାମଜିତ୍ ଭଞ୍ଜ, ଅନସୂୟା ପବ୍ଲିକେଶନ୍ ଲକ୍ଷ୍ମୀସାଗର, ଭୁବନେଶ୍ୱର, ମୂଲ୍ୟ-୨୫୦ଟଙ୍କା**

'**ଶେ**ଷ ଅଶ୍ରୁ' କାଳିନ୍ଦୀ ଚରଣ ଭଞ୍ଜଙ୍କ ଗଳ୍ପ ପୁସ୍ତକ। ଏଥିରେ ୨୩ଟି ଗପ ପ୍ରକାଶିତ ହୋଇଛି। ପୁସ୍ତକର ନାମ ଅନୁସାରେ ଏକ ଗପ ରହିଛି ଶେଷ ଅଶ୍ରୁ। ଏଥିରେ ଲେଖକ ଧର୍ମେନ୍ଦ୍ର ଓ ରୁପା ଚରିତ୍ରକୁ ନିଛକ ଭାବରେ




ଫୁଟାଇଛନ୍ତି। ଧର୍ମେନ୍ଦ୍ର ଜମିଦାର ରାମଚନ୍ଦ୍ର ଦେଓଙ୍କ ସାନପୁଅ । ରୁପା ହରିଜନ ବସ୍ତିର ଝିଅ । ଧର୍ମେନ୍ଦ୍ର ରୁପାକୁ ଭଲ ପାଇଛି। କିନ୍ତୁ ରୁପାକୁ ବାହା ହେବାକୁ ଧର୍ମେନ୍ଦ୍ରଙ୍କ ପରିବାରରେ ଆରମ୍ଭ ହୋଇଛି ବିଦ୍ରୋହ। କିନ୍ତୁ ଏହାକୁ ନ ମାନି ଧର୍ମେନ୍ଦ୍ର ରୁପାକୁ ନେଇ ମନ୍ଦିରରେ ବାହା ହୋଇଛି। ଏହାପରେ କାହାଣୀର ମୋଡ କ'ଣ ନେଇଛି ବହିଟିକୁ ପଢିଲେ ଜାଣିହେବ। ପୁସ୍ତକଟିକୁ ପାଠକ ନିଶ୍ଚୟ ଖୋଜିବେ ।

### ମାୟାଧର ନାୟକ
### ଯୁଦ୍ଧଭୂମି ଓ ଅନ୍ୟାନ୍ୟ ଗଳ୍ପ

**ପ୍ରକାଶକ- ଆରୋହୀ, କଲ୍ୟାଣୀ ନଗର, କଟକ-୧୩, ମୂଲ୍ୟ-୩୫୦ଟଙ୍କା**

'**ଯୁ**ଦ୍ଧଭୂମି ଓ ଅନ୍ୟାନ୍ୟ ଗଳ୍ପ' ମାୟାଧର ନାୟକଙ୍କ ଗଳ୍ପ ପୁସ୍ତକ । ଏଥିରେ ୫ଟି ଗପ ସ୍ଥାନ ପାଇଛି। ସେଗୁଡିକ ହେଲା ପଥରର ପ୍ରେମ କାହାଣୀ, ସବୁ ରାତି ନୁହେଁ ଚାନ୍ଦିନୀ ରାତି, ତାଲାର ଆତ୍ମକାହାଣୀ, ରାଣୀ ଓ ଯୁଦ୍ଧଭୂମି । ପ୍ରାଗୈତିହାସିକ ମହାଭାରତ ଯୁଦ୍ଧରୁ ଆରମ୍ଭକରି ଐତିହାସିକ ତିରୋରୀ ଓ ପାନିପଥ ଯୁଦ୍ଧ ପର୍ଯ୍ୟନ୍ତ ସଭ୍ୟତାର ବହୁ କ୍ଷତଚିହ୍ନ ବହନ କରିଛି ଯୁଦ୍ଧଭୂମି। ମାୟାଧର ନାୟକଙ୍କ ମାର୍ମିକ ଗଳ୍ପରେ ଯୁଦ୍ଧଭୂମିକୁ ନୂତନ ସ୍ୱପ୍ନର ଜନ୍ମଭୂମିରେ ପରିଣତ କରିବାର ଆତ୍ମିକ ଆହ୍ୱାନ ଦିଆଯାଇଛି। ପୁସ୍ତକଟି ପାଠକଙ୍କୁ ବାନ୍ଧି ରଖିବ ବୋଲି ଆଶା କରାଯାଏ।




### ଅନ୍ତଃସ୍ରୋତା ସରସ୍ୱତୀ

**ସମ୍ପାଦିକା -ଆଶାଲତା ଦାଶ**

**ପ୍ରକାଶକ- କସ୍ତୁରବା ନାରୀ ମହଲ, ଭୁବନେଶ୍ୱର ମୂଲ୍ୟ -ନିଃଶୁଳ୍କ**

'**ଅ**ନ୍ତଃସ୍ରୋତା ସରସ୍ୱତୀ' ଆଶାଲତା ଦାଶଙ୍କ ସମ୍ପାଦନାରେ କସ୍ତୁରବା ନାରୀ ମହଲ ପକ୍ଷରୁ ପ୍ରକାଶିତ ପୁସ୍ତକ। ଏଥିରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ୫୩ଟି ସୁନ୍ଦର ପ୍ରବନ୍ଧ ପ୍ରକାଶ ପାଇଛି। ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବ୍ରିଟିଶ ଶାସନ ବିରୋଧରେ ଓଡିଶାରେ ସଂଗଠିତ ହୋଇଥିବା ପ୍ରଥମ ଆନ୍ଦୋଳନ ପାଇକ ବିଦ୍ରୋହ ନାମରେ ଖ୍ୟାତ। ସ୍ୱାଧୀନତା ସଂଗ୍ରାମରେ ଯେଉଁମାନଙ୍କର ପ୍ରମୁଖ ଭୂମିକା ରହିଥିଲା ସେମାନଙ୍କ ବିଷୟରେ ଏଥିରେ ପ୍ରବନ୍ଧ ସ୍ଥାନୀତ ହୋଇଛି। ପୁସ୍ତକଟି ଉତ୍ତର ପିଢିଙ୍କ ଲାଗି ଦସ୍ତାବିଜ୍ ସାବ୍ୟସ୍ତ ହେବ ।



ବ୍ୟାକ୍ ପେଜ୍

# କୁନି ଲେଖକ

୪ ବର୍ଷ ବୟସର ପିଲା ଖେଳିବା, ଦୁଷ୍ଟ ହେବା, ମସ୍ତି କରିବା ଓ ପାଠ ନ ପଢିବା ଲାଗି ବାହାନା କରୁଥିବା ଦେଖିଥିବେ। ହେଲେ ୟୁଏଇର ଆବୁଧାବୀରେ ରହୁଥିବା ୪ ବର୍ଷୀୟ ବାଳକ ସଈଦ ରାଶିଦ ଅଲ୍ମିହରୀ ଏତେ କମ୍ ବୟସରେ ଏଭଳି କମାଲ କରି ଦେଖାଇଛନ୍ତି, ଯାହା ଏବେ ଚର୍ଚ୍ଚାର କାରଣ ସାଜିଛି। କଅଁଳ ବୟସରେ ସେ ଏକ ବହି ଲେଖିଛନ୍ତି। ବହିଟି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଓ ଏହାର ଶୀର୍ଷକ ହେଉଛି 'ଦ ଏଲିଫାଣ୍ଟ ସଈଦ ଆଣ୍ଡ ଦ ବିୟର'। ପୁସ୍ତକଟିରେ ଦୁଇଟି ପ୍ରାଣୀ ଭିତରେ ଥିବା ବନ୍ଧୁତ୍ୱ ଓ ପ୍ରେମ ଭାବକୁ ବର୍ଣ୍ଣନା କରାଯାଇଛି। ଏତେ କମ୍ ବୟସରେ ପୁସ୍ତକ ଲେଖିପାରିଥିବାରୁ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସେ ସର୍ବକନିଷ୍ଠ ଲେଖକର ମାନ୍ୟତା ପାଇଛନ୍ତି। ମାନ୍ୟତା ପାଇବା ସମୟରେ ତାଙ୍କ ପୁସ୍ତକର ୧୦୦୦ କପି ବିକ୍ରି ହୋଇ ସାରିଥିଲା। ସଈଦ ବହି ଲେଖିବାର ପ୍ରେରଣା ନିଜ ବଡ଼ ଭଉଣୀ ଅଲଧାବୀଙ୍କଠାରୁ ପାଇଛନ୍ତି, ଯାହାଙ୍କ ନାମ ସବୁଠାରୁ କମ୍ ବୟସର ଦ୍ୱିଭାଷୀ ପୁସ୍ତକ ଲେଖିକା ଭାବେ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ସଈଦ କୁହନ୍ତି, 'ମୁଁ ମୋ ଭଉଣୀ ସହ ମିଶି ଖେଳେ, ଚିତ୍ର କରେ ଓ ପଢେ। ଯେବେ ସେ ଏକ ପୁସ୍ତକ ଲେଖିଲା ମୋର ବି ଇଛା ହେଲା ମୁଁ ବି ବହି ଲେଖିବି। ଆଉ ଏହି ବହିଟି ଲେଖିଲି।'







# ଶରୀରରେ ପାସ୍‌ପୋର୍ଟ ଓ ଟିକେଟ୍‌ର ଟାଟୁ

୫୪ ବର୍ଷୀୟ ଇଆନ୍ ଓଜର୍ସ ଇଂଲଣ୍ଡ ଫୁଟବଲ୍ ଟିମ୍‌ର ବହୁତ ବଡ଼ ଫ୍ୟାନ୍। ତେଣୁ ଏହି ଟିମ୍‌ର ମ୍ୟାଚ୍ ଯେଉଁଠି ବି ହୁଏ ସେ ସେଠାକୁ ଯାଇ ଟିମ୍‌କୁ ସପୋର୍ଟ କରନ୍ତି। ଯା ଭିତରେ ସେ ପୃଥିବୀର ବିଭିନ୍ନ ସ୍ଥାନ ଯାଇ ସାରିଲେଣି। ତାଙ୍କର ପ୍ରତି ଯାତ୍ରା ଓ ପ୍ରତି ମ୍ୟାଚ୍ ସୁନ୍ଦର ଅନୁଭୂତିରେ ଭରା। ତେଣୁ ସେ ଏହିସବୁ ଅନୁଭୂତିକୁ ସବୁଦିନ ପାଇଁ ସ୍ମରଣୀୟ କରି ରଖିବାକୁ ଚାହୁଁଥିଲେ। ଶେଷରେ ଏକ ଅଜବ ନିଷ୍ପତ୍ତି ନେଲେ। ଆଉ ନିଜ ପାସ୍‌ପୋର୍ଟ ଓ ଟିକେଟ୍‌ର ଟାଟୁ ନିଜ ଶରୀରରେ କରାଇଲେ। ତାଙ୍କ ମତରେ ସେ ଯେଉଁ ସ୍ଥାନଗୁଡିକୁ ମ୍ୟାଚ୍ ଦେଖିବା ପାଇଁ ଯାଇଥିଲେ ହୁଏତ ଆଉ ସେଠାକୁ ନ ଯାଇ ପାରନ୍ତି। ତେଣୁ ତାକୁ ସ୍ମରଣୀୟ କରି ରଖିବା ଲାଗି ସେ ନିଜ ପାସ୍‌ପୋର୍ଟ ଓ ଯାଇଥିବା ୩୨ ଦେଶର ଟିକେଟ୍‌କୁ ଶରୀରରେ ଟାଟୁ କରାଇଲେ। ତା'ସହ ଷ୍ଟାମ୍ପଗୁଡିକର ବି ଟାଟୁ କରାଇଛନ୍ତି। ୨୦୧୭ରେ ସେ ଟାଟୁ କରାଇବା ଆରମ୍ଭ କରିଥିଲେ। ଏବେ ତ ପୁରା ଶରୀରରେ ଭିନ୍ନ ଭିନ୍ନ ଦେଶର ଟିକେଟ୍, ଷ୍ଟାମ୍ପର ଟାଟୁ ସହ ପାସ୍‌ପୋର୍ଟର ଟାଟୁ ସେ କରାଇ ସାରିଛନ୍ତି।



# ଅସରପା ସଂଗ୍ରହାଳୟ



ଘରେ ଅସରପା ହୋଇଗଲେ ସମସ୍ତେ ଗୋଡେଇ ଗୋଡେଇ ମାରନ୍ତି। ଅବା କୀଟନାଶକ ସ୍ପ୍ରେ କରି ତାଙ୍କ ବଂଶ ମୂଳପୋଛ କରି ଦିଆଯାଏ। କହିବାକୁଗଲେ ଅସରପା କାହାର ବି ପ୍ରିୟ ହୋଇ ନ ଥାଏ। କିଏ ଏମାନଙ୍କୁ ଘୃଣା କରନ୍ତି ତ କିଏ ଡରନ୍ତି। ହେଲେ ଟେକ୍ସାସ୍‌ର ପ୍ଲାନୋରେ ଅଛି ଏକ ଅସରପା ସଂଗ୍ରହାଳୟ। କଥାଟି ଅଜବ ଲାଗୁଥିବ, ହେଲେ ଏହା ସତ। ମାଇକେଲ ବୋହଦାନ ନାମକ ଜଣେ ବ୍ୟକ୍ତି ହେଉଛନ୍ତି ଏହି ସଂଗ୍ରହାଳୟର ପ୍ରତିଷ୍ଠାତା। ତାଙ୍କର ଏକ ପେଷ୍ଟ କଣ୍ଟ୍ରୋଲ ଦୋକାନ ଅଛି। ଆଉ ଏହି ଦୋକାନରେ ହିଁ ସେ ଉକ୍ତ ସଂଗ୍ରହାଳୟଟିକୁ କରିଛନ୍ତି। 'କକ୍‌ରୋଚ ହଲ୍ ଅଫ୍ ଫେମ୍' ନାମକ ଉକ୍ତ ସଂଗ୍ରହାଳୟରେ ସେ ମୃତ ଅସରପାକୁ ବିଭିନ୍ନ ପ୍ରକାରରେ ସଜାଇ ରଖିଛନ୍ତି। କେଉଁଠି ସେ ଅସରପାକୁ ସେଲିବ୍ରିଟି ଓ ଐତିହାସିକ ବ୍ୟକ୍ତିଭାବେ ସଜାଇଛନ୍ତି ତ କେଉଁଠି ୱିଗ୍ ଓ ଗାଉନ୍ ପିନ୍ଧାଇ ପରୀ ଲୁକ୍ ଦେଇଛନ୍ତି। ପୁଣି କେବେ ଏକ ଛୋଟ ପିଆନୋ ସାମ୍ନାରେ ବସାଇ ପିଆନୋ ବଜାଇବା ଲୁକ୍ ଦେଇଛନ୍ତି। ଆଉ କେବେ ସମୁଦ୍ର ତଟରେ ସନ୍‌ଗ୍ଲାସ୍ ପିନ୍ଧି, ଜୁସ୍ ପିଇ ସନ୍ ବାଥ୍ ନେବାର ଲୁକ୍ ଦେଇଛନ୍ତି। ଯାହାକୁ ଲୋକେ ଦେଖିବାକୁ ବେଶ ପସନ୍ଦ କରୁଛନ୍ତି। ମାଇକେଲ୍‌ଙ୍କୁ ଅସରପା ବେଶ୍ ସୁନ୍ଦର ଲାଗନ୍ତି। ଆଉ ତାଙ୍କୁ ବହୁତ ଭଲ ପାଆନ୍ତି। ସେଥିପାଇଁ ଏହି କାମ କରିବାକୁ ତାଙ୍କୁ ବହୁତ ଭଲ ଲାଗେ। ତାଙ୍କର ଏହି କାମ ଲାଗି ଏକ ଇନସେକ୍ଟିସାଇଡ କମ୍ପାନୀ ତାଙ୍କୁ ଏକ ଅସରପା ଫ୍ୟାଶନ କଣ୍ଟେଷ୍ଟରେ ଜଜ୍ ବି କରିଥିଲେ।

